## ସଂକ୍ଷେପରେ

### ଲୋଇସିଂହା ପଞ୍ଚାୟତରେ ଇ-ଗ୍ରାମସଭା

**ଲୋଇସିଂହା,୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋସିଂହା ବ୍ଲକ ସଦର ପଞ୍ଚାୟତ ପରିସରରେ ୨୦୨୩-୧୪ ଆର୍ଥିକ ବର୍ଷର ଇ-ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପିଇଓ ପ୍ରେମାନନ୍ଦ ମହାଲିଙ୍ଗଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସରପଞ୍ଚ ନବକିଶୋର ନାଏକ ଅଧ୍ୟକ୍ଷତା କରିଥିଲେ। ସଭାରେ ପଞ୍ଚାୟତ ଅଧୀନ ଗ୍ରାମର ସଭ୍ୟମାପେ ଉପସ୍ଥିତ ଥିଲେ। ସଭାରେ ବାର୍ଷିକ ଏଜେଣ୍ଡା ପ୍ରସ୍ତୁତ ହୋଇ ପାରିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ସହାୟକ, ଗାଁ ସାଥୀ, ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ।

### ୪ ଦିନରେ ୧୮୫ ଜଣଙ୍କ ଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

**ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସପ୍ତାହ**

**ଲାଞ୍ଜିଗଡ଼,୫।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ପକ୍ଷରୁ ଅଞ୍ଚଳର ବିଭିନ୍ନ ଛକଠାରେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଲାଞ୍ଜିଗଡ ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱ ରେ ଇନ୍ସପେକ୍ଟର ଭବାନୀ ଶଙ୍କର ବାଦୀ, ଏଏସଆଇ ବିଳାସିନୀ ଭୋଇ, ଏଏସଆଇ ମାଝି ଗମାଙ୍ଗ, ଏଏସଆଇ ସୋମେଶ୍ୱର ବାଗ, କନଷ୍ଟେବଲ ଓ ସିଆରପିଏଫ ଷ୍ଟାଫମାନେ ବିଭିନ୍ନ ଛକରେ ଉପସ୍ଥିତ ରହି ସଡକ ସୁରକ୍ଷା ନିୟମ ଖିଲାପକାରୀମାନଙ୍କଠାରୁ ଫାଇନ କାଟିବା ସହିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଚାରି ଦିନରେ ୧୮୫ ଜଣଙ୍କ ଠାରୁ ୧ ଲକ୍ଷ ୮୦ ହଜାର ୫୦୦ ଟଙ୍କା ଫାଇନ ଆଦାୟ କରାଯାଇଥିବା ଥାନା ଅଧିକାରୀ ସାହୁଙ୍କ ଠାରୁ ସୂଚନା ମିଳିଛି। ଦିନକୁ ଦିନ ରାଜ୍ୟରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ମୃତ୍ୟୁ ହାର କମାଇବା ପାଇଁ ସରକାରଙ୍କ ପକ୍ଷରୁ ଏପ୍ରିଲ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ଅତର୍କିତ ଆକ୍ରମଣ, ମହିଳା ଗୁରୁତର

**ଖପ୍ରାଖୋଲ,୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ବର୍ତ୍ତିଆ ଗାଁରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ମହିଳା ହେଲେ ରକ୍ମିଣୀ ନାଗ (୫୯)। ମହିଳା ଜଣକ ଘରେ ଏକାକି ଥିବା ବେଳେ ଗାଁର ଯୁଗଳ ଗାଲ (୩୩) ତାଙ୍କ ପାଖକୁ ଆସି ୫ହଜାର ଟଙ୍କା ଧାର ମାଗିଥିଲେ। ରକ୍ମିଣୀ କହିବା ମୁତାବକ ଟଙ୍କା ଧାର ଦେଇଥିଲେ। ହେଲେ ତାଙ୍କ ପାଖରେ ଅଧିକ ଟଙ୍କା ଥିବା ଜାଣି କିଛି ସମୟ ପରେ ଯୁଗଳ ସେଠାକୁ ଆସି ଏକ ଛୁରିରେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ରକ୍ମିଣୀଙ୍କ ଚିତ୍କାର ଶୁଣି ପଡୋଶୀମାନେ ଆସି ଯିବାରୁ ଯୁଗଳ ଟଙ୍କା ଓ ସୁନା ନେଇ ଫେରାର ହୋଇ ଯାଇଥଇଲେ। ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣାଗଡ ନିଆଯାଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରି ଥାନାକୁ ନେଇଛି। ମହିଳାଙ୍କ ପରିବାର ତରଫରୁ ୫୨ ହଜାର ଟଙ୍କା ସହ ସୁନା ୨ତୋଳା ଲୁଟି ନେଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ଲାଠୋର୍ ଥାନାରେ ଏକ ମାମଲା(୩୮/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ଝସକେତନ ଭୋଇ ପ୍ରକାଶ କରିଛନ୍ତି।

# ଲାଇଫ୍ ଲାଇନ ପାଲଟିଛି ହାଲେର ଯୋର

**ଭବାନୀପାଟଣା,୫।୪(ସ୍ୱ.ପ୍ର.)**

**ପନିପରିବାର ଗାଁ କେଲିଆ**

■ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଦାବି



ନିଜ ବାଡ଼ିରୁ ଚାଷୀ ପାତଳଘଣ୍ଟା ଅମଳ କରୁଛନ୍ତି।

କଳାହାଣ୍ଡି ଜିଲାର ପନିପରିବାର ଗାଁ କହିଲେ ଜୁନାଗଡ ବ୍ଲକର କେଲିଆକୁ ବୁଝାଏ। କାରଣ ଏହି ଗାଁ ବର୍ଷ ତମାମ ଜିଲାର ବିଭିନ୍ନ ଅଞ୍ଚଳକୁ ପନିପରିବା ଯୋଗାଣ କରିଥାଏ। ବର୍ତ୍ତମାନ ଏହି ଗାଁରେ ପ୍ରାୟ ୮୦ ଏକର ଜମିରେ ପନିପରିବା ଚାଷ ହୋଇଥିବା ଜଣାପଡିଛି। ମୁଖ୍ୟତଃ ପାତଳଘଣ୍ଟା(ଟମାଟୋ), ବାଇଗଣ, ଫୁଲକୋବି, ପତରକୋବି, ଭେଣ୍ଡି, ଶାଗ, କଲରା ଆଦି ପନିପରିବା ଚାଷ ହୋଇଛି। ଏବେ ପ୍ରାୟ ବାଡିରେ ପାତଳଘଣ୍ଟା ଅମଳ ହୋଇଛି। ଏଠାରୁ ପ୍ରତିଦିନ ଶହ ଶହ କୁଇଣ୍ଟାଲ ପାତଳଘଣ୍ଟା କିଣି ବେପାରୀମାନେ ଚାରିଚକିଆ ଯାନରେ ସହରକୁ ନେଇ ଯାଉଛନ୍ତି। ସେହିପରି ସ୍ଥାନୀୟ ଚାଷୀମାନେ ମଧ୍ୟ ନିଜ ଅଞ୍ଚଳରେ ପନିପରିବା ଗାଁ ଗାଁ ବିକ୍ରି ପାଇଁ ନେଇଥାନ୍ତି। ଜୁନାଗଡ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତରେ କେଲିଆ ଗାଁ ରହିଥିବାବେଳେ ଏଠାକାର ଜନସଂଖ୍ୟା ୧୫ଶହରୁ ଊର୍ଦ୍ଧ୍ୱ। ଏଠାରେ ମାଳି, ଗୌଡ, ହରିଜନ, କନ୍ଧ, ଗଣ୍ଡ ଆଦି ସଂପ୍ରଦାୟର ଲୋକେ ବସବାସ କରିଥାନ୍ତି। ସେଥିମଧ୍ୟରୁ ମାଳି ସଂପ୍ରଦାୟର ପ୍ରାୟ ୭୦ ପ୍ରତିଶତ ରହିଥିବା ଜଣାପଡିଛି। ଗାଁର ଶତକଡା ୮୦ ଭାଗ ଲୋକ ପନିପରିବା ଚାଷ ଉପରେ ନିର୍ଭର କରିଥାନ୍ତି। ବର୍ଷା ଦିନେ ସ୍ଥାନୀୟ ଚାଷୀ ଧାନ ଚାଷ କରୁଥିବାରୁ ୨୦ରୁ ୨୫ ଏକର ଏଠାରେ ପନିପରିବା ଚାଷ କରିଥାନ୍ତି। କିନ୍ତୁ ଖରାଦିନେ ଏଠାକାର ଚାଷୀ ୮୦ରୁ ୧୦୦ ଏକର ପାଖାପାଖି ଜମିରେ ପନିପରିବା ଚାଷ କରିଥାନ୍ତି। ଗାଁର ଅଧ ପ୍ରତିଶତ ଉପର ଭାଗ ଚାଷୀ ଡିପ୍ ବୋରୱେଲ(ଗଭୀର ନଳକୂପ) ସାହାଯ୍ୟରେ ଚାଷ କରୁଥିବା ବେଳେ ଆଉ ଅଧି ପ୍ରତିଶତ ସ୍ଥାନୀୟ ହାଲେର ଜୋରର ପାଣିରେ ପନିପରିବା ଚାଷ କରିଥାନ୍ତି। ପୂର୍ବରୁ ଗାଁର ଉପର ଭାଗରେ ଥିବା ଚାଷୀଙ୍କ ପାଣି ସୁବିଧା ପାଇଁ ସରକାରଙ୍କ କୌଣସ ବ୍ୟବସ୍ଥା ନ ଥିବା ବେଳେ ପରବର୍ତ୍ତୀ ସମୟରେ ଏଠାରେ ୨୮ଟି ଗଭୀର ନଳକୂପ ଖୋଲାଯାଇଥିଲା। ଯାହାଫଳରେ ଗଭୀର ନଳକୂପ ସାହଯ୍ୟରେ ଉପର ଭାଗ ଚାଷୀ ଏବେ ପନିପରିବା ଚାଷ କରୁଛନ୍ତି। ସେହିପରି ଏଠାରେ ବୋହି ଯାଇଥିବା ହାଲେର ଯୋର ଖରା ସମୟରେ ଏହା ଚାଷୀଙ୍କ ପାଇଁ ଲାଇଫ ଲାଇନ ଭଳି କାମ କରିଥାଏ। ପନିପରିବା ଚାଷ କରି କେଲିଆ ଗ୍ରାମର ଚାଷୀମାନେ ଏବେ ଅଧିକ ଉପାର୍ଜନ କରି ଉପକୃତ ହେବା ସହ ଜିଲାରେ ମଧ୍ୟ ପନିପରିବାରର ଅଭାବ ଦୂର କରି ପାରୁଛନ୍ତି। ଅଧିକାଂଶ ଚାଷୀ ବର୍ତ୍ତମାନ ପାତଳଘଣ୍ଟା,ବାଇଗଣ କେଜି ପିଛା ୧୦ଟଙ୍କାରେ ବ୍ୟବସାୟୀଙ୍କୁ ଟେକି ଦେଉଛନ୍ତି। ଏହି ଗାଁରେ ଏକ ଶୀତଳଭଣ୍ଡାର କରାଗଲେ ଚାଷୀମାନେ ଖରାଦିନେ ସେଠାରେ ପନିପରିବା ସଂରକ୍ଷିତ ରଖି ବର୍ଷା ସମୟରେ ଅଧିକ ଦାମରେ ବିକ୍ରି କରି ପାରନ୍ତେ। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

**ରିର୍ପୋଟ: ଉତ୍ତମ କୁମାର ଦାଶ**

### ସିଲ୍ ହେଲା ବିଦେଶୀ ମଦ ଦୋକାନ

**ଲୋଇସିଂହା,୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ବିଦେଶୀ ମଦ ଦୋକାନକୁ ସିଲ୍ କରି ଦିଆଯାଇଛି। ଟାର୍ଗେଟ ମୁତାବକ କୋଟା ନ ଉଠାଇବା କାରଣରୁ ଲୋଇସିଂହା ଅବକାରୀ ବିଭାଗ ଏହି ପଦକ୍ଷେପ ନେଇଛି। ଗତ ୫ଦିନ ହେଲା ଦୋକାନରେ ତାଲା ଝୁଲୁଛି। ଲୋଇସିଂହା ସଦର ମହକୁମାର ଲୋଇସିଂହା-ପଦ୍ମପୁର ରାସ୍ତା ଢୋଲମହୁଲଠାରେ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି। ଏହାକୁ ରାଜ୍ୟ ବାହାର ଜଣେ ଲାଇସେନ୍ସଧାରୀ ରାମଲଖନ୍ ଗୁପ୍ତା ଗତ କିଛି ବର୍ଷ ହେଲା ଚଳାଉଥିଲେ। ଆରମ୍ଭରୁ ଦୋକାନ ପରିଚାଳନାରେ ଅନିୟମିତତା କରି ଆସୁଥିଲେ। ନିୟମିତ ଭାବରେ ମାସିକ ଓ ବାର୍ଷିକ କୋଟା ଉଠାଣରେ ଅବହେଳା କରି ଆସୁଥିଲେ। ବିଭାଗ ପକ୍ଷରୁ ବାରମ୍ବାର ଲାସେନ୍ସଧାରୀଙ୍କୁ ଟାର୍ଗେଟ ମୁତାବକ ବିଦେଶୀ ମଦ ଓ ବିୟର ଉଠାଇବାକୁ ଅନୁରୋଧ ଯାଇଥିଲା। ହେଲେ ଏଥିପ୍ରତି ଦୋକାନ ମାଲିକ ଦୃଷ୍ଟି ଦେଉନଥିଲେ। ଏଣୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଦୋକାନ ସିଲ୍ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଜଗନ୍ନାଥ ମିଶ୍ର କହିଛନ୍ତି।

## ଆମ୍ ଆଦ୍‌ମୀ ପାର୍ଟିର ଜନସମ୍ପର୍କ ସଭା



ଜନସମ୍ପର୍କ ସଭାରେ ଦଳୀୟ ନେତା ଓ କର୍ମୀ।

**ଖଡ଼ିଆଳ,୫।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ କେନ୍ଦୁପାଟି ଗ୍ରାମ ଠାରେ ଆମ୍ ଆଦମୀ ପାର୍ଟିର ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡିଆଳ ବ୍ଲକ ଉପସଭାପତି ଲିଙ୍ଗରାଜ ସତାନମି ଅଧ୍ୟକ୍ଷତା କରିଥିଲେ। କୁମାରୀ ଟିକେମଣି ମହାନନ୍ଦ ସାଙ୍ଗଠନିକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ନୂଆପଡା ଜିଲା ଆବାହକ ତଥା ସଭାପତି ଶୋକନାଥ ସେନାପତି ମୁଖ୍ୟଅତିଥି ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଆଗାମୀ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି କିଭଳି ଜିଲାରେ ସଂଗଠନକୁ ମଜଭୁତ କରିହେବ ସେ ନେଇ ମତ ରଖିଥିଲେ। ସେ ଆହୁରି କହିଥିଲେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ୨୦୦ ୟୁନିଟ ବିଜୁଳି ମାଗଣା ଦେବାଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନା ହାତକୁ ନେଇଛନ୍ତି। କିନ୍ତୁ ଓଡିଶାରେ ବିଦ୍ୟୁତ୍ ଉତ୍ପାଦନ ହୋଇ ମଧ୍ୟ ବିଜୁଳି ବିଲ୍ କମ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବାରୁ ସମାଲୋଚନା କରିଥିଲେ। ଏଣୁ ଏସମସ୍ତ ସୁବିଧା ହାସଲ ପାଇଁ ଓଡ଼ିଶାରେ ଆମ୍ ଆଦମୀ ପାର୍ଟି ହିଁ ଏକମାତ୍ର ବିକଳ୍ପ ବୋଲି ମତପ୍ରକାଶ କରିଥିଲେ। ସଭାରେ କେନ୍ଦୁପାଟି ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ, ମହିଳା, ପୁରୁଷ ଓ ଦଳୀୟ କର୍ମୀ ଯୋଗ ଦେଇଥିଲେ।

### ପୁଣି ହାଇଦ୍ରାବାଦରୁ ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**କୋକସରା,୫।୪(ଡି.ଏନ.ଏ.)**

ଦାଦନ ଶ୍ରମିକ ଶବ ହୋଇ ଫେରିବା ସତେଯେମିତି କଳାହାଣ୍ଡି ଜିଲା କୋକସରା ବ୍ଲକ ପାଇଁ ଅଭିଶାପ ପାଲଟିଛି। ସପ୍ତାହେ ନ ହେଉଣୁ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଛି। ପ୍ରକାଶ ଯେ, କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ଖପ୍ରାମାଲ ଗାଁ ଆମପଡାର ଯୁବକ ନରହରି ମାଝୀ(୨୫) ଗତ ମାସରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ତେବେ ଗତ ରବିବାର ଦିନ ଶ୍ରମିକ ଜଣକ ଆତ୍ମହତ୍ୟା କରିଥିବା ନେଇ ଖବର ଆସିଥିଲା। ରୋଜଗାରିଆ ପୁଅର ମୃତ୍ୟୁ ଖବର ଶୁଣି ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇ ପଡିଥିଲେ। କମ୍ପାନୀ ସହାୟତାରେ ମଙ୍ଗଳବାର ଦିନ ଆମ୍ବୁଲାନ୍ସ ଯୋଗେ ଶ୍ରମିକଙ୍କ ମୃତଦେହ ଘରେ ପହଞ୍ଚିଥିଲା। ଗାଁ ମଶାଣିରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ସୂଚନାଯୋଗ୍ୟ, ଗତ ୩ ମାସ ମଧ୍ୟରେ କୋକସରା ବ୍ଲକର ୪ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି। ଦାଦନ ରୋକିବାକୁ ପ୍ରଶାସନର ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସମାଜର ସାମଗ୍ରିକ ବିକାଶକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ମାନିକପୁରି ପନିକା ସମାଜର ବାର୍ଷିକ ମହାସଭା**

**ଲାଠୋର,୫।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଚାରଗଡ଼ ସଭାପତି ଲାଲବାହାଦୁର ଦାସଙ୍କ ଅଧ୍ୟକ୍ଷତାରେ ମାନିକପୁରି ପନିକା ସମାଜ ବାର୍ଷିକ ମହାସଭା ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ଼ ବିଧାୟକ ସରୋଜ ମେହେର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ମେହେର, ସୁଶିଲ ଅଗ୍ରୱାଲ, ସହଦେବ ଭଇଁଷାଲ ଯୋଗ ଦେଇଥିଲେ। ଚାରଗଡ଼, ପାଟଣାଗଡ଼, କୋମନା ଏବଂ ବୁଢାସମର ଅଞ୍ଚଳରୁ ଆସିଥିବା ଶତାଧିକ ଲୋକଙ୍କ ଗହଣରେ ସମାଜର ସାମାଜିକ, ଆର୍ଥିକ ଏବଂ ଶିକ୍ଷାକ୍ଷେତ୍ରରେ ବିକାଶ କିପରି ହୋଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ସମାଜର ପ୍ରଗତି ଦିଗରେ ସହଯୋଗ କରିବା ତଥା ପ୍ରତ୍ୟେକ ବିଦ୍ୟାଳୟକୁ କବିର ଦାସଙ୍କ ଫଟୋଚିତ୍ର ଲାଗିଲେ ବିଦ୍ୟାର୍ଥୀମାନେ ତାଙ୍କ ବିଷୟରେ ଜାଣି ପାରିବେ ବୋଲି ପାଟଣାଗଡ଼ ବିଧାୟକଙ୍କ ପାଖରେ ଦାବି କରିଥିଲେ। ଏହି ଅବସରରେ ନେହେରୁ ଦାସ, ଜଗଦୀଶ ଦାସ, କହଁର ଦାସ, ପୁରୁତ୍ତମ ଦାସ, କେତନ ଦାସ, ତୁଳସୀ ଦାସ, ମାନଚନ ଦାସ, ରମେଶ ଦାସ ଉପସ୍ଥିତ ଥିଲେ। କ୍ଷମା ଦାସ କାର୍ଯକ୍ରମ ପରିଚାଳନା ଓ ଚକ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକ୍ସ ସର୍ଭିସମ୍ୟାନ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ନୂଆପଡା ଅଫିସ,୫।୪**



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ପୂର୍ବ ସୈନିକମାନଙ୍କ ବିଭିନ୍ନ ଦାବି ନେଇ ଏକ୍ସ ସର୍ଭିସମ୍ୟାନ ଆସୋସିଏଶନ ନୂଆପଡା ପକ୍ଷରୁ ବୁଧବାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୂଆପଡା ଜିଲାପାଳ ହେମକାନ୍ତ ସାଏ ଓ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଳା ରେଡ୍ଡୀ ରାଘବେନ୍ଦ୍ରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶ ସେବା କରୁଥିବା ସୈନିକମାନଙ୍କ ନାଯ୍ୟା ଦାବି ପ୍ରତି ସରକାର ଅଣଦେଖା ନ କରି ବିହିତ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ନିମାଇ ଚରଣ ତାଣ୍ଡି, ଯୁବରାଜ ଶବର, ଆର କେ ବରିହା, ଚନ୍ଦ୍ରମଣି ଶବର, କୃଷ୍ଣରଞ୍ଜନ ସିଂ, ପ୍ରେମାନନ୍ଦ ନେହେର, ଭରତ ମାଝି, ପବିତ୍ର କୁମାର ମାଝି, ଦାମୋଦର ମାଝି, ଏକେ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ସିଭିଲ କୋର୍ଟ ପ୍ରଶାସନିକ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୫।୪**

ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ସିଭିଲ କୋର୍ଟ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ନାରାୟଣ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ବିଚାର ବିଭାଗୀୟ କର୍ମଚାରୀ ସଂଘ ସଭାପତି ପ୍ରକାଶ କୁମାର ନେପାକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜିଲା ତଥା ଦୌରା ଜଜ୍ ଲଲାଟେନ୍ଦୁ ଜେନା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଲାଙ୍ଗୀର ଫେମିଲି ଜଜ୍ ବେଣୁଧର ପାତ୍ର, ଭିଜିଲାନ୍ସ ଜଜ୍ ଆନନ୍ଦ ନାରାୟଣ ମହାରଣା, ସିଭିଲ କୋର୍ଟ ରେଜିଷ୍ଟ୍ରାର ଚରଣଜିତ ଓରାମ, ସମସ୍ତ ବିଚାର ବିଭାଗୀୟ ଅଧିକାରୀ, କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟ, ସିଷ୍ଟମ ଅଫିସର ଅନୀଲ ଦାସ, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପଦୋନ୍ନିତ ପାଇଥିବା ମୁଖ୍ୟ ପ୍ରଶାନିକ ଅଧିକାରୀ ବଳରାମ ମେହେରଙ୍କୁ ସ୍ୱାଗତ କରାଯାଇଥିଲା। ସଭା ଆୟୋଜନରେ କର୍ମଚାରୀ ସଂଘ କୋଷାଧ୍ୟକ୍ଷ ଆକାଶ ତ୍ରିପାଠୀ, ହେଡ କ୍ଲର୍କ ଦଧିବାବନ ଶତପଥି, ସୁବ୍ରତ ମିଶ୍ର, ନାଜିର ଶୁଭ୍ରାଂଶୁ ବାଗ, ନୀଳକଣ୍ଠ ସିଂ ଓ ବିଶମ୍ବର ପ୍ରଧାନ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣା ମୃତ୍ୟୁ ଶୂନ୍ୟ ସପ୍ତାହ ପାଳିତ




ସଡକ ସୁରକ୍ଷା ନେଇ ଲୋକଙ୍କୁ ନାଟକ ମାଧମରେ ସଚେତନ କରାଯାଉଛି।

**ନୂଆପଡା ଅଫିସ,୫।୪**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡଠାରେ ଆଞ୍ଚଳିକ ପରିବହନ ବିଭାଗ ଓ ନୂଆପଡା ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ସଚେତନତା ବାର୍ତ୍ତାକୁ ଲୋକେ ହୃଦୟଙ୍ଗମ କରି ନିୟମ ଅନୁଯାୟୀ ଗାଡି ଚଳାଇଲେ ଦୁର୍ଘଟଣାଜନିତ ମୃତ୍ୟୁ କମିବ ବୋଲି ମତପ୍ରକାଶ ପାଇଥିଲା। ଦୁଇଚକିଆ ଯାନ ଚଳାଉଥିବା ବେଳେ ମୋବାଇଲ ବ୍ୟବହାର କରିବା ନାହିଁ, ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଗାଡି ଚଳାଇବା ପାଇଁ ଦେବା ନାହିଁ, ଆବଶ୍ୟକଠାରୁ ଅଧିକ ଗତିରେ ଗାଡି ନ ଚଳାଇବା, ଦୁଇଚକିଆ ଯାନ ଚଳାଉଥିବା ସମୟରେ ହେଲମେଟ ବ୍ୟବହାର, ଚାରିଚକିଆ ଯାନ ଚଳାଇବା ସମୟରେ ସିଟ ବେଲଟ ବ୍ୟବହାର, କ୍ଷମତାଠାରୁ ଅଧିକ ଓଜନର ମାଲ ଓ ଯାତ୍ରୀ ପରିବହନ ନ କରିବା ନିୟମ ରହିଛି। ସେହିପରି ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ ବିଭିନ୍ନ କାର୍ଯ୍ୟାଳୟ ପାଖରେ କର୍କଶ ସ୍ୱରରେ ହର୍ଣ୍ଣ ବଜାଇବାକୁ ବାରଣ ରହିଛି। ଏହିସବୁ ନିୟମ ଉଲ୍ଲଘଂନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ପଡିବ ବୋଲି ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବକ ସଂଘ, ବିଦ୍ୟାଳୟ ଛାତ୍ରୀଛାତ୍ର, ସାମାଜିକ କର୍ମୀ ସମେତ ତରବୋଡ ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ, ସାମାଜିକ କର୍ମୀ ମାଧୋ ପ୍ରସାଦ ସାହୁ, ତରବୋଡ ସରପଞ୍ଚ ଶ୍ୟାମ ସୁନ୍ଦର ପୃଷ୍ଟି, ଗୀତାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କେସିଙ୍ଗା ପୋଲିସ ଦ୍ୱାରା ଡକାୟତ ଦଳ କାବୁ

**କେସିଙ୍ଗା,୫।୪(ଡି.ଏନ.ଏ.)**

■ଲକ୍ଷାଧିକ ଟଙ୍କା, ମୋବାଇଲ ଓ କାର୍ ଜବତ

■ଫୁଲବାଣୀରୁ ଡକାୟତି କରି ଫେରାର ହେଉଥିବା ବେଳେ ଧରାପଡିଲେ



କେସିଙ୍ଗା ପୋଲିସ ଦ୍ୱାରା ଧରାପଡିଥିବା ଡକାୟତ।

ମଙ୍ଗଳବାର ରାତିରେ ସ୍ଥାନୀୟ ପୋଲିସ କେସିଙ୍ଗା ବ୍ଲକ ପରଲସିଙ୍ଗା ଗ୍ରାମ ପଞ୍ଚାୟତ ଅଧୀନ ପୋଡଖମ୍ବ ଗ୍ରାମ ନିକଟରୁ ଏକ ଡକାୟତ ଦଳକୁ କାବୁ କରିଛନ୍ତି। ସେମାନଙ୍କ ନିକଟରୁ ଲୁଟ ହୋଇଥିବା ୧୭ଲକ୍ଷ ୫୦ ହଜାର ଟଙ୍କା, କାର ଓ ମୋବାଇଲ ଜବତ ହୋଇଛି। ଏହି ଡକାୟତ ଦଳ ଫୁଲବାଣୀରେ ଡକାୟତିକରିକେସିଙ୍ଗା ଦେଇ ଟ୍ରେନଯୋଗେ ଫେରାର ହେବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ହାତରେ ଧରା ପଡିଥିଲେ।

ପ୍ରକାଶ ଯେ, ଫୁଲବାଣୀର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଅଜୟ ପାତ୍ରଙ୍କ ମୁନ୍‌ସୀ ନିକଟରେ ୧୭ ଲକ୍ଷ ୫୦ ହଜାର ଟଙ୍କା ନେଇ ବ୍ୟାଙ୍କରେ ଜମା କରିବାକୁ ଯିବା ସମୟରେ ଦୁଇ ଜଣ ଡକାୟତ ଏକ କଳା ପଲ୍‌ସରରେ ଆସି ଟଙ୍କା ବ୍ୟାଗ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଏ ନେଇ ବ୍ୟବସାୟୀ ପାତ୍ର ଫୁଲବାଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବାଲିଗୁଡା ଏସ୍‌ଡିପିଓ ଓ କେସିଙ୍ଗା ଏସ୍‌ଡିପିଓଙ୍କ ଉଦ୍ୟମରେ ୪ଟି ଟିମ୍ ଗଠନ କରାଯାଇଥିଲା। କେସିଙ୍ଗା ପୋଲିସ କୌଣସି ସୂତ୍ରରୁ ଖବରପାଇ କାରରେ ଯାଉଥିବା ଏହି ଡକାୟତ ଦଳକୁ କାବୁ କରିଥିଲେ। ୬ ଜଣିଆ ଏହି ଦଳରେ ମହିଳା ମଧ୍ୟ ରହିଛନ୍ତି। ସେମାନଙ୍କ ଘର ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳରେ। ଗିରଫ ଡକାୟତଙ୍କ ମଧ୍ୟରେ ଏମ୍.ସରସ୍ୱତୀ, ଏମ୍.ପାଣ୍ଡୁ, ଏମ୍.ଲିଲି,ଏମ୍.ଶ୍ରୀକାନ୍ତ ରହିଛନ୍ତି। ୬ ଡକାୟତଙ୍କୁ ବୁଧବାର ଫୁଲବାଣୀକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ଲୋଇସିଂହା ପଞ୍ଚାୟତରେ ଇ-ଗ୍ରାମସଭା

**ଲୋଇସିଂହା,୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋସିଂହା ବ୍ଲକ ସଦର ପଞ୍ଚାୟତ ପରିସରରେ ୨୦୨୩-୧୪ ଆର୍ଥିକ ବର୍ଷର ଇ-ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପିଇଓ ପ୍ରେମାନନ୍ଦ ମହାଲିଙ୍ଗଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସରପଞ୍ଚ ନବକିଶୋର ନାଏକ ଅଧ୍ୟକ୍ଷତା କରିଥିଲେ। ସଭାରେ ପଞ୍ଚାୟତ ଅଧୀନ ଗ୍ରାମର ସଭ୍ୟମାପେ ଉପସ୍ଥିତ ଥିଲେ। ସଭାରେ ବାର୍ଷିକ ଏଜେଣ୍ଡା ପ୍ରସ୍ତୁତ ହୋଇ ପାରିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ସହାୟକ, ଗାଁ ସାଥୀ, ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ।

### କେସିଙ୍ଗା ପୋଲିସ ଦ୍ୱାରା ଡକାୟତ ଦଳ କାବୁ

■ଲକ୍ଷାଧିକ ଟଙ୍କା, ମୋବାଇଲ ଓ କାର୍ ଜବତ

■ଫୁଲବାଣୀରୁ ଡକାୟତି କରି ଫେରାର ହେଉଥିବା ବେଳେ ଧରାପଡିଲେ



**କେସିଙ୍ଗା,୫।୪(ଡି.ଏନ.ଏ.):** ମଙ୍ଗଳବାର ରାତିରେ ସ୍ଥାନୀୟ ପୋଲିସ କେସିଙ୍ଗା ବ୍ଲକ ପରଲସିଙ୍ଗା ଗ୍ରାମ ପଞ୍ଚାୟତ ଅଧୀନ ପୋଡଖମ୍ବ ଗ୍ରାମ ନିକଟରୁ ଏକ ଡକାୟତ ଦଳକୁ କାବୁ କରିଛନ୍ତି। ସେମାନଙ୍କ ନିକଟରୁ ଲୁଟ ହୋଇଥିବା ୧୭ଲକ୍ଷ ୫୦ ହଜାର ଟଙ୍କା, କାର ଓ ମୋବାଇଲ ଜବତ ହୋଇଛି। ଏହି ଡକାୟତ ଦଳ ଫୁଲବାଣୀରେ ଡକାୟତି କରି କେସିଙ୍ଗା ଦେଇ ଟ୍ରେନ ଯୋଗେ ଫେରାର ହେବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ହାତରେ ଧରା ପଡିଥିଲେ। ପ୍ରକାଶ ଯେ, ଫୁଲବାଣୀର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଅଜୟ ପାତ୍ରଙ୍କ ମୁନ୍‌ସୀ ନିକଟରେ ୧୭ ଲକ୍ଷ ୫୦ ହଜାର ଟଙ୍କା ନେଇ ବ୍ୟାଙ୍କରେ ଜମା କରିବାକୁ ଯିବା ସମୟରେ ଦୁଇ ଜଣ ଡକାୟତ ଏକ କଳା ପଲ୍‌ସରରେ ଆସି ଟଙ୍କା ବ୍ୟାଗ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଏ ନେଇ ବ୍ୟବସାୟୀ ପାତ୍ର ଫୁଲବାଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବାଲିଗୁଡା ଏସ୍‌ଡିପିଓ ଓ କେସିଙ୍ଗା ଏସ୍‌ଡିପିଓଙ୍କ ଉଦ୍ୟମରେ ୪ଟି ଟିମ୍ ଗଠନ କରାଯାଇଥିଲା। କେସିଙ୍ଗା ପୋଲିସ କୌଣସି ସୂତ୍ରରୁ ଖବରପାଇ କାରରେ ଯାଉଥିବା ଏହି ଡକାୟତ ଦଳକୁ କାବୁ କରିଥିଲେ। ୬ ଜଣିଆ ଏହି ଦଳରେ ମହିଳା ମଧ ରହିଛନ୍ତି। ସେମାନଙ୍କ ଘର ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳରେ। ଗିରଫ ଡକାୟତଙ୍କ ମଧରେ ଏମ୍.ସରସ୍ୱତୀ, ଏମ୍.ପାଣ୍ଡୁ, ଏମ୍.ଲିଲି,ଏମ୍.ଶ୍ରୀକାନ୍ତ ରହିଛନ୍ତି। ୬ ଡକାୟତଙ୍କୁ ବୁଧବାର ଫୁଲବାଣୀକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ଲାଇଫ୍ ଲାଇନ ପାଲଟିଛି ହାଲେର ଜୋର

**ଭବାନୀପାଟଣା,୫।୪(ସ୍ୱ.ପ୍ର.)**



ନିଜ ବାଡ଼ିରୁ ଚାଷୀ ପାତଲଘଣ୍ଟା ଅମଳ କରୁଛନ୍ତି।

କଳାହାଣ୍ଡି ଜିଲାର ପନିପରିବାର ଗାଁ କହିଲେ ଜୁନାଗଡ ବ୍ଲକର କେଲିଆକୁ ବୁଝାଏ। କାରଣ ଏହି ଗାଁ ବର୍ଷ ତମାମ ଜିଲାର ବିଭିନ୍ନ ଅଞ୍ଚଳକୁ ପନିପରିବା ଯୋଗାଣ କରିଥାଏ। ବର୍ତ୍ତମାନ ଏହି ଗାଁରେ ପ୍ରାୟ ୮୦ ଏକର ଜମିରେ ପନିପରିବା ଚାଷ ହୋଇଥିବା ଜଣାପଡିଛି। ମୁଖ୍ୟତଃ ପାତଲଘଣ୍ଟା(ଟମାଟୋ), ବାଇଗଣ, ଫୁଲକୋବି, ପତରକୋବି, ଭେଣ୍ଡି, ଶାଗ, କଲରା ଆଦି ପନିପରିବା ଚାଷ ହୋଇଛି। ଏବେ ପ୍ରାୟ ବାଡିରେ ପାତଲଘଣ୍ଟା ଅମଳ ହୋଇଛି। ଏଠାରୁ ପ୍ରତିଦିନ ଶହ ଶହ କୁଇଣ୍ଟାଲ ପାତଲଘଣ୍ଟା କିଣି ବେପାରୀମାନେ ଚାରିଚକିଆ ଯାନରେ ସହରକୁ ନେଇ ଯାଉଛନ୍ତି। ସେହିପରି ସ୍ଥାନୀୟ ଚାଷୀମାନେ ମଧ ନିଜ ଅଞ୍ଚଳରେ ପନିପରିବା ଗାଁ ଗାଁ ବିକ୍ରି ପାଇଁ ନେଇଥାନ୍ତି। ଜୁନାଗଡ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତରେ କେଲିଆ ଗାଁ ରହିଥିବାବେଳେ ଏଠାକାର ଜନସଂଖ୍ୟା ୧୫ଶହରୁ ଊର୍ଦ୍ଧ୍ୱ। ଏଠାରେ ମାଳି, ଗୌଡ, ହରିଜନ, କନ୍ଧ, ଗଣ୍ଡ ଆଦି ସଂପ୍ରଦାୟର ଲୋକେ ବସବାସ କରିଥାନ୍ତି। ସେଥିମଧ୍ୟରୁ ମାଳି ସଂପ୍ରଦାୟର ପ୍ରାୟ ୭୦ ପ୍ରତିଶତ ରହିଥିବା ଜଣାପଡିଛି। ଗାଁର ଶତକଡା ୮୦ ଭାଗ ଲୋକ ପନିପରିବା ଚାଷ ଉପରେ ନିର୍ଭର କରିଥାନ୍ତି। ବର୍ଷା ଦିନେ ସ୍ଥାନୀୟ ଚାଷୀ ଧାନ ଚାଷ କରୁଥିବାରୁ ୨୦ରୁ ୨୫ ଏକର ଏଠାରେ ପନିପରିବା ଚାଷ କରିଥାନ୍ତି। କିନ୍ତୁ ଖରାଦିନେ ଏଠାକାର ଚାଷୀ ୮୦ରୁ ୧୦୦ ଏକର ପାଖାପାଖି ଜମିରେ ପନିପରିବା ଚାଷ କରିଥାନ୍ତି। ଗାଁର ଅଧ ପ୍ରତିଶତ ଉପର ଭାଗ ଚାଷୀ ଡିପ୍ ବୋରୱେଲ(ଗଭୀର ନଳକୂପ) ସାହାଯ୍ୟରେ ଚାଷ କରୁଥିବା ବେଳେ ଆଉ ଅଧ ପ୍ରତିଶତ ସ୍ଥାନୀୟ ହାଲେର ଜୋରର ପାଣିରେ ପନିପରିବା ଚାଷ କରିଥାନ୍ତି। ପୂର୍ବରୁ ଗାଁର ଉପର ଭାଗରେ ଥିବା ଚାଷୀଙ୍କ ପାଣି ସୁବିଧା ପାଇଁ ସରକାରଙ୍କ କୌଣସ ବ୍ୟବସ୍ଥା ନ ଥିବା ବେଳେ ପରବର୍ତ୍ତୀ ସମୟରେ ଏଠାରେ ୨୮ଟି ଗଭୀର ନଳକୂପ ଖୋଲାଯାଇଥିଲା। ଯାହାଫଳରେ ଗଭୀର ନଳକୂପ ସାହଯ୍ୟରେ ଉପର ଭାଗ ଚାଷୀ ଏବେ ପନିପରିବା ଚାଷ କରୁଛନ୍ତି। ସେହିପରି ଏଠାରେ ବୋହି ଯାଇଥିବା ହାଲେର ଜୋର ଖରା ସମୟରେ ଏହା ଚାଷୀଙ୍କ ପାଇଁ ଲାଇଫ ଲାଇନ ଭଳି କାମ କରିଥାଏ। ପନିପରିବା ଚାଷ କରି କେଲିଆ ଗ୍ରାମର ଚାଷୀମାନେ ଏବେ ଅଧିକ ଉପାର୍ଜନ କରି ଉପକୃତ ହେବା ସହ ଜିଲାରେ ମଧ ପନିପରିବାରର ଅଭାବ ଦୂର କରି ପାରୁଛନ୍ତି। ଅଧିକାଂଶ ଚାଷୀ ବର୍ତ୍ତମାନ ପାତଲଘଣ୍ଟା,ବାଇଗଣ କେଜି ପିଛା ୧୦ଟଙ୍କାରେ ବ୍ୟବସାୟୀଙ୍କୁ ଟେକି ଦେଉଛନ୍ତି। ଏହି ଗାଁରେ ଏକ ଶୀତଳଭଣ୍ଡାର କରାଗଲେ ଚାଷୀମାନେ ଖରାଦିନେ ସେଠାରେ ପନିପରିବା ସଂରକ୍ଷିତ ରଖି ବର୍ଷା ସମୟରେ ଅଧିକ ଦାମରେ ବିକ୍ରି କରି ପାରନ୍ତେ। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

**ରିର୍ପୋଟ: ଉତ୍ତମ କୁମାର ଦାଶ**

**ପନିପରିବାର ଗାଁ କେଲିଆ**

■ଶୀତଳ ଭଣ୍ଡାର ନିର୍ମାଣ ଦାବି

### ସିଲ୍ ହେଲା ବିଦେଶୀ ମଦଦୋକାନ

**ଲୋଇସିଂହା,୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ବିଦେଶୀ ମଦ ଦୋକାନକୁ ସିଲ୍ କରି ଦିଆଯାଇଛି। ଟାର୍ଗେଟ ମୁତାବକ କୋଟା ନ ଉଠାଇବା କାରଣରୁ ଲୋଇସିଂହା ଅବକାରୀ ବିଭାଗ ଏହି ପଦକ୍ଷେପ ନେଇଛି। ଗତ ୫ଦିନ ହେଲା ଦୋକାନରେ ତାଲା ଝୁଲୁଛି। ଲୋଇସିଂହା ସଦର ମହକୁମାର ଲୋଇସିଂହା-ପଦ୍ମପୁର ରାସ୍ତା ଢୋଲମହୁଲଠାରେ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି। ଏହାକୁ ରାଜ୍ୟ ବାହାର ଜଣେ ଲାଇସେନ୍ସଧାରୀ ରାମଲଖନ୍ ଗୁପ୍ତା ଗତ କିଛି ବର୍ଷ ହେଲା ଚଳାଉଥିଲେ। ଆରମ୍ଭରୁ ଦୋକାନ ପରିଚାଳନାରେ ଅନିୟମିତତା କରି ଆସୁଥିଲେ। ନିୟମିତ ଭାବରେ ମାସିକ ଓ ବାର୍ଷିକ କୋଟା ଉଠାଣରେ ଅବହେଳା କରି ଆସୁଥିଲେ। ବିଭାଗ ପକ୍ଷରୁ ବାରମ୍ବାର ଲାସେନ୍ସଧାରୀଙ୍କୁ ଟାର୍ଗେଟ ମୁତାବକ ବିଦେଶୀ ମଦ ଓ ବିୟର ଉଠାଇବାକୁ ଅନୁରୋଧ ଯାଇଥିଲା। ହେଲେ ଏଥିପ୍ରତି ଦୋକାନ ମାଲିକ ଦୃଷ୍ଟି ଦେଉନଥିଲେ। ଏଣୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଦୋକାନ ସିଲ୍ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଜଗନ୍ନାଥ ମିଶ୍ର କହିଛନ୍ତି।

# ପୋଖରୀ ସଫେଇକଲେ ଯୁବଗୋଷ୍ଠୀ

**ଭେଡ଼େନ, ୫।୪(ଡି.ଏନ.ଏ.)**

**ପ୍ରଶାସନ କଲାନି**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅର୍ନ୍ତଗତ ମହୁଲପାଲି ଗ୍ରାମରେ ଥିବା ଉପରକଟା ଏବଂ ନୂଆଁବନ୍ଧ ପୋଖରୀ ଉପରେ ମହୁଲପାଲି ଏବଂ ମେହେନା ଗ୍ରାମବାସୀ ନିର୍ଭର କରିଥାନ୍ତି। ହେଲେ ଦୀର୍ଘ ଦିନ ଧରି ଜଳାଶୟ ସଫେଇ ନ ହେବାରେ ଅପରିଷ୍କାର ହୋଇ ପଡ଼ି ରହିଥିଲା। ପୋଖରୀ ପାଣି ଦଳ ଓ ଶିଉଳିରେ ଭରି ଯାଇଥିଲା। ଫଳରେ ପୋଖରୀ ମଇଳା ହେବା ସହିତ ଏହାର ପାଣି ବ୍ୟବହାର ଯୋଗ୍ୟ ନ ଥିଲା। ଅନ୍ୟନୋପାୟ ହୋଇ ଯେଉଁମାନେ ସ୍ନାନଶୌଚ କରୁଥିଲେ ସେମାନେ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିଲେ। ଏହାର ପୁନଃରୁଦ୍ଧାର ସହିତ ସଫେଇ କରିବା ପାଇଁ ପ୍ରଶାସନକୁ ଗ୍ରାମବାସୀ ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ କେହି ଶୁଣି ନ ଥିଲେ। ଶେଷରେ ଗାଁର ମା' ମେଟାକାନି ଯୁବାଗୋଷ୍ଠୀ ପୋଖରୀ ସଫା କରିବାକୁ ଅଣ୍ଟା ଭିଡ଼ିଥିଲେ। ଗୋଷ୍ଠୀର ୬୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ମଙ୍ଗଳବାର ଦାଆ, କୋଡ଼ି, କୋଦଳା ନେଇ ପୋଖରୀ ପାଖଷର ପହଞ୍ଚି ଥିଲେ। ଦଳ, ସିଲୁ ଓ ଶିଉଳିକୁ ସଫା କରିବା ସହ ପୋଖରୀ ହିଡ଼ରେ ଥିବା ଅନାବନା ଘାସ ଲଟାକୁ ସଫା କରିଥିଲେ। ସୂଚନାଯୋଗ୍ୟ ଯେ, ନୂଆଁବନ୍ଧ ପୋଖରୀ ଠିକାରେ ଦିଆ ଯାଉ ନଥିବା ବେଳେ ଉପରିକଟା ପୋଖରୀକୁ ପଞ୍ଚାୟତ ତରଫରୁ ଲିଜ୍ ସୂତ୍ରରେ ଦିଆ ଯାଇ ମାଛ ଚାଷ କରାଯାଉଛି। ସେହିପରି ନୂଆଁବନ୍ଧ ପୋଖରୀ ହିଡ଼ରେ ଶିବ ମନ୍ଦିର ରହିଥିବା ଯୋଗୁ ପ୍ରତିଦିନ ଶ୍ରଦ୍ଧାଳୁ ମାନେ ଆସି ଏହି ପୋଖରୀରେ ସ୍ନାନ କରି ପୂଜାପାଠ କରିବା ସହିତ ଏହାର ପାଣିରେ ଅନେକ ସମୟରେ ଭୋଗ ପ୍ରସ୍ତୁତି ମଧ କରାଯାଇଥାଏ।



ମେଟାକାନୀ ଯୁବାଗୋଷ୍ଠୀ ସଦସ୍ୟମାନେ ପୋଖରୀ ସଫେଇ କରୁଛନ୍ତି।

### ସିଭିଲ କୋର୍ଟ ପ୍ରଶାସନିକ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୫।୪**

ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ସିଭିଲ କୋର୍ଟ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ନାରାୟଣ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ବିଚାର ବିଭାଗୀୟ କର୍ମଚାରୀ ସଂଘ ସଭାପତି ପ୍ରକାଶ କୁମାର ନେପାକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜିଲା ତଥା ଦୌରା ଜଜ୍ ଲଲାଟେନ୍ଦୁ ଜେନା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଲାଙ୍ଗୀର ଫେମିଲି ଜଜ୍ ବେଣୁଧର ପାତ୍ର, ଭିଜିଲାନ୍ସ ଜଜ୍ ଆନନ୍ଦ ନାରାୟଣ ମହାରଣା, ସିଭିଲ କୋର୍ଟ ରେଜିଷ୍ଟ୍ରାର ଚରଣଜିତ ଓରାମ୍, ସମସ୍ତ ବିଚାର ବିଭାଗୀୟ ଅଧିକାରୀ, କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟ, ସିଷ୍ଟମ ଅଫିସର ଅନୀଲ ଦାସ, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ପଦୋନ୍ନିତ ପାଇଥିବା ମୁଖ୍ୟ ପ୍ରଶାନିକ ଅଧିକାରୀ ବଳରାମ ମେହେରଙ୍କୁ ସ୍ୱାଗତ କରାଯାଇଥିଲା। ସଭା ଆୟୋଜନରେ କର୍ମଚାରୀ ସଂଘ କୋଷାଧକ୍ଷ ଆକାଶ ତ୍ରିପାଠୀ, ହେଡ କ୍ଲର୍କ ଦଧିବାବନ ଶତପଥି, ସୁବ୍ରତ ମିଶ୍ର, ନାଜିର ଶୁଭ୍ରାଂଶୁ ବାଗ, ନୀଳକଣ୍ଠ ସିଂ ଓ ବିଶମ୍ବର ପ୍ରଧାନ ସହଯୋଗ କରିଥିଲେ।

### ରାମଲୀଳା: ମଞ୍ଚସ୍ଥ ହେଲା ସୀତା ଚୋରି



ଅଭିନୀତ ସୀତା ଚୋରିର ଏକ ଦୃଶ୍ୟ।

**ଭେଡେନ,୫।୪(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବ୍ଲକ ଗଣ୍ଡତୁରୁମର ରାମଲୀଳାର ମଙ୍ଗଳବାର ଥିଲା ଷଷ୍ଠ ଦିବସ। ନାଟ୍ୟାଭିନୟରେ ରାମ,ଲକ୍ଷ୍ମଣ,ସୀତା ପଞ୍ଚବଟୀରେ କୁଟୀର ନିର୍ମାଣ ସମୟରେ ଜଟାୟୁ ସହ ପରିଚିତ ହୋଇ ନିଶ୍ଚିନ୍ତରେ ରହବା ପାଇଁ ମନସ୍ଥ କରିଛନ୍ତି। ଏହି ସମୟରେ ରାବଣର ଭଗ୍ନୀ ସୂର୍ପଣଖା ଗୋଦାବରୀ ନଦୀ ବାଲିରେ ମାନବର ପାଦ ଚିହ୍ନ ଦେଖି କୁଟୀର ନିକଟକୁ ଆସିଛି। ପ୍ରଥମେ ରାମଚନ୍ଦ୍ରଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇ ବାଧ କରିଛି। ତାଙ୍କୁ ଅନେକ ପ୍ରକାରେ ରାମ ବୁଝାଇବା ସତ୍ତ୍ୱେ ସେ ଜିଦ୍ ଧରିଛି। ଶେଷରେ ଲକ୍ଷ୍ମଣଙ୍କ ପାଖକୁ ପଠାଇ ନାସା, କର୍ଣ୍ଣ ଛେଦନର ଆଦେଶ ଦେଇଛନ୍ତି। ନାସା, କର୍ଣ୍ଣ ହରାଇ ସୂର୍ପଣଖା ନିଜର ଭାଇ ଖର, ଦୂଷଣ ଓ ତ୍ରିଶିର ପାଖକୁ ଯାଇ ସମସ୍ତ ବିଷୟ ପ୍ରକାଶ କରିଛି। ରାକ୍ଷସମାନେ ଏଥିରେ ପ୍ରତିଶୋଧ ପରାୟଣ ହୋଇ ରାମଙ୍କ ସହ ଯୁଦ୍ଧ କରି ନିହତ ହୋଇଛନ୍ତି। ସୂର୍ପଣଖା ନିରୁପାୟ ହୋଇ ପୁଣି ରାବଣ ପାଖକୁ ଯାଇ ସକଳ ବୃତ୍ତାନ୍ତ କହିଥିଲେ। ରାବଣ କ୍ରୋଧାନ୍ୱିତ ହୋଇ କଳେବଳେ କୌଶଳେ ସୀତାଙ୍କୁ ହରଣ କରିବା ପାଇଁ ବାହାରିଛି। ରାବଣର ଆଦେଶରେ ମାତୁଳ ମାରିଚ ରାକ୍ଷସ ସ୍ୱର୍ଣ୍ଣ ମାୟା ମୃଗ ହୋଇ ରାମଙ୍କ କୁଟୀର ପାଖରେ ଦୃଶ୍ୟମାନ ହୋଇଛି। ଏହାକୁ ଦେଖି ସୀତା ମୃଗକୁ ଧରିବା ପାଇଁ ଜିଦ୍ ଧରିଛନ୍ତି। ରାମ ମୃଗକୁ ଧରିବା ପାଇଁ ଯିବା ସହ ଲକ୍ଷ୍ମଣଙ୍କୁ ଜଗିବା ପାଇଁ କହି ଘୋର ଅରଣ୍ୟକୁ ଯିବା ପରେ ରାକ୍ଷସ ମାୟା ଭିଆଇଛି। ତ୍ରାହି ଲକ୍ଷ୍ମଣ ଡାକରେ ସୀତା ଭୟଭୀତ ହୋଇ ତାଙ୍କୁ ଖୋଜିବା ପାଇଁ ପଠାଇଛନ୍ତି। ଏହି ନାଟ୍ୟାଭିନୟ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା ।

### ୬ରୁ ଭାଜପା ପାଳିବ ସାମାଜିକ ନ୍ୟାୟ ସପ୍ତାହ

**ବୌଦ୍ଧ,୫।୪(ସ୍ୱ.ପ୍ର.)**

ଭାଜପା ପକ୍ଷରୁ ଏପ୍ରିଲ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ସାମାଜିକ ନ୍ୟାୟ ସପ୍ତାହ ପାଳନ କରାଯିବ। ଏ ନେଇ ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଧବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ୬ ତାରିଖରେ ଦଳର ପ୍ରତିଷ୍ଠା ଦିବସ ଅବସରରେ ବିକାଶ ଯାତ୍ରା ଉପରେ ଆଲୋଚନ କରାଯିବ। ୭ରେ ଯୁବମୋର୍ଚ୍ଚା ପକ୍ଷରୁ ମେଡିକାଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ୮ରେ ଅନୁସୂଚିତ ଜନଜାତି ମୋର୍ଚ୍ଚାର ଆତ୍ମନିର୍ଭର ସଚେତନତା ଶିବିର, ୯ରେ କିଷାନ ମୋର୍ଚ୍ଚା ପକ୍ଷରୁ କୃଷି ଉପରେ ଜନଜାଗରଣ, ୧୦ରେ ମହିଳା ମୋର୍ଚ୍ଚା ପକ୍ଷରୁ ଦଳିତ ପରିବାରରେ ଏକତ୍ର ଭୋଜନ, ୧୧ରେ ଓବିସି ମୋର୍ଚ୍ଚା ପକ୍ଷରୁ ଜ୍ୟୋତିବା ଫୁଲେଜିଙ୍କ ଜୟନ୍ତି ପାଳନ, ୧୨ରେ ସ୍ୱାସ୍ଥ୍ୟ ଶିବିର, ୧୩ରେ ସଂଖ୍ୟା ଲଘୁ ମୋର୍ଚ୍ଚା ପକ୍ଷରୁ ପୋଖରୀ ସଫା ଓ ବୃକ୍ଷ ରୋପଣ, ୧୪ରେ ଅନୁସୂଚିତ ଜାତି ମୋର୍ଚ୍ଚା ଓ ଦଳ ପକ୍ଷରୁ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତି ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସୁକାନ୍ତ ପାଣିଗ୍ରାହୀ, ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଭାଜପା କର୍ମକର୍ତ୍ତା।

# ଲୋକ ମହୋତ୍ସବ ମାଲେଶ୍ରୀ ଉଦ୍‌ଘାଟିତ

**ଅମରପାଲି,୫।୪(ଡି.ଏନ.ଏ)**




ମଞ୍ଚାସୀନ ଅତିଥିମାନେ।



ଜଟଣୀର କଳାକାରଙ୍କ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ନୃତ୍ୟ, ସଙ୍ଗୀତ, ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳାର ବର୍ଣ୍ଣିଳ ପାର୍ବଣ ଅଷ୍ଟମ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ବୁଧୁବାର ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟ ପରିବେଷରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ଲୋକ ମହୋତ୍ସବ କମିଟି ଆନୁକୂଲ୍ୟ ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର, ଜିଲା ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ଏବଂ ଓରମାସ ସହାୟତାରେ ହେଉଥିବା ଉକ୍ତ ମହୋତ୍ସବକୁ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବୀରମହାରାଜପୁର ଏକ ସାଂସ୍କୃତିକ ମାଟି। ପାତାଳି ଶ୍ରୀକ୍ଷେତ୍ର, ମା' ମେଟାକାନୀ, ବାବା ଚମ୍ପେଶ୍ୱରଙ୍କ ପବିତ୍ର ଭୂମି ଏହି ଅଞ୍ଚଳର ପରିଚୟ ସୃଷ୍ଟି କରିଛି। ଏହି ଅଞ୍ଚଳର ନାଚ ଗୀତ ଏହି ଅଞ୍ଚଳକୁ ବିଶ୍ୱ ବିଦିତ କରିଛି। ମାଲେଶ୍ରୀ ଭଳି ଲୋକ ମହୋତ୍ସବ ଅଞ୍ଚଳର କଳାକାରଙ୍କୁ ସୁଯୋଗ ଦେଉଛି ବୋଲି ମତପ୍ରକାଶ କରିଥିଲେ। ମହୋତ୍ସବ କମିଟି ସଭାପତି ତଥା ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଏସ୍‌ପି ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ପରିଚାଳନା ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ସାଂସ୍କୃତିକ ବାର୍ତ୍ତା ପ୍ରଦାନ ପରେ ମହୋତ୍ସବ କମିଟି ସଭାପତି ତାଙ୍କ ଅବିଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ ସଭାକୁ ହୃଷୀକେଶ ଚାନ୍ଦ ସଂଯୋଜନା କରିଥିବା ବେଳେ ବରିଷ୍ଠ ସଦସ୍ୟ କିଶୋର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ପରେ ପ୍ରଶିଦ୍ଧ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହାଙ୍କ ମାଲେଶ୍ରୀ ବନ୍ଦନାରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପରେ ଜଟଣି(ଖୋର୍ଦ୍ଧା)ର ଓଡିଶୀ ନୃତ୍ୟ, ଲହରୀ ସମ୍ବଲପୁରର ଲୋକନୃତ୍ୟ, ନୂପୁର କଳା ପରିଷଦ ବରଗଡର ଡାଲଖାଇ ନୃତ୍ୟ, ହିକୁଡି(ସୁବର୍ଣ୍ଣପୁର)ର କରମସାନୀ, ବୀରମହାରାଜପୁରର ଶବର-ଶବରାନୀ ନୃତ୍ୟ, ମା'ମାହେଶ୍ୱରୀ କଳା ପରିଷଦ ବିନିକାର କଳାକାର ଙ୍କ ଦ୍ୱାରା ଗୋଟି ଗୋଟି କରି ନୃତ୍ୟ ପରିବେଷଣ ହୋଇଥିଲା। ପ୍ରୀତିମୟୀ ମିଶ୍ର,ଅବିନାଶ ହୋତା ଓ ଲକ୍ଷ୍ମୀ ନାରାୟଣ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସକାଳୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମର ମାଲେଶ୍ରୀ ମଣ୍ଡପ ପର୍ଯ୍ୟନ୍ତ କରାଯାଇଥିଲା। ଏହି ଅବସରେ ମୁଖ୍ୟ ଅତିଥି ବିଧାୟକ ବେହେରାଙ୍କ ସହିତ ଅନ୍ତାନ୍ୟ ଅତିଥିମାନେ ପଲ୍ଲିଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। କରୋନା ପରେ ପ୍ରଥମ କରି ଲୋକ ମହୋତ୍ସବ ମାଲେଶ୍ରୀ ହେଉଥିବାରୁ ଦର୍ଶକ ଉତ୍କଣ୍ଠାର ସହିତ ଉପଭୋଗ କରିଥିଲେ।

# ରାଉରକେଲା ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍ ବୈଠକ




**ଶିଳ୍ପୋଦ୍ୟୋଗ, ଉଦ୍ୟୋଗୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସହ ଆଲୋଚନା କରିବେ ଚାମ୍ବର ଅଫ୍ କମର୍ସ କର୍ମକର୍ତ୍ତା**

ରାଉରକେଲା ଅଫିସ, ୫।୪

ରାଉରକେଲା ଚ୍ୟାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍ ବୈଠକ ସ୍ଥାନୀୟ ଚ୍ୟାମ୍ବର ଅଫ କମର୍ସ ସଭାଗୃହରେ ସମ୍ପନ୍ନ ହୋଇଯାଇଛି। ବୈଠକରେ ଏଫ୍ଆଇସିସିଆଇ (ଫିକି) ସଭାପତି ଶୁଭ୍ରକାନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବୈଠକର ଶୁଭାରମ୍ଭ କରିଥିଲେ। ବିଶିଷ୍ଟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ଚ୍ୟାମ୍ବର ଅଫ କମର୍ସ ସଭାପତି ବ୍ରହ୍ମା ମିଶ୍ର, ଦିଲ୍ଲୀ ଚ୍ୟାମ୍ବର ଅଫ କମର୍ସ ସାଧାରଣ ସମ୍ପାଦକ ଅରୁଣ ଚାଓଲା, ରାଉରକେଲା ଏନ୍ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ.ଉମାଶଙ୍କର ରାଓ, ଆରଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥି ପ୍ରମୁଖ ଯୋଗଦାନ ଦେଇଥିଲେ। ପରେ ରାଉରକେଲା ଚ୍ୟାମ୍ବର ଅଫ କମର୍ସର ସଭାପତି ଶୁଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ରାଉରକେଲା ଚ୍ୟାମ୍ବର ଅଫ କମର୍ସକୁ ୬୦ବର୍ଷ ପୁରଣ ହୋଇ ସାରିଥିବା ବେଳେ ଜଣେ ଓଡିଆ ବ୍ୟକ୍ତି ଫିକି ସଭାପତି ପଦରେ ରହି ରାଉରକେଲା ଚେମ୍ବର ଅଫ କମର୍ସ ଇଣ୍ଡଷ୍ଟ୍ରିଜ୍ ତଥା ଉଦ୍ୟୋଗୀମାନଙ୍କର ବୈଠକରେ ଯୋଗଦାନ କରିବା ରାଉରକେଲା ଉଦ୍ୟୋଗ ପାଇଁ ଗୌରବର କଥା ବୋଲି ସେ ଦର୍ଶାଇଥିଲେ। ଏହାପରେ ବୈଠକରେ ଅତିଥି ଓ ସମ୍ମିଳିତ ବିଜନେସ୍ କମିଟି କର୍ମକର୍ତ୍ତାମାନଙ୍କ ମଧ୍ୟରେ ଜିଲାର ବିଭିନ୍ନ ଉଦ୍ୟୋଗ ବିକାଶ ବିଷୟିକ ବିଷୟବସ୍ତୁ ନେଇ ଆତ୍ମସମୀକ୍ଷା ହୋଇଥିଲା। ଆତ୍ମସମୀକ୍ଷାରେ ଅତିଥିମାନେ ଉଦ୍ୟୋଗ ବିକାଶରେ ଜିଲାରେ ବାଧକ ସାଜୁଥିବା ରାଉରକେଲା ବିମାନ ଚଳାଚଳ ସମସ୍ୟା, ରେଳ ଚଳାଚଳ ସମସ୍ୟା, ରାଉରକେଲା ଟ୍ରାଫିକ ସମସ୍ୟା, ପାଣି ସମସ୍ୟା ଏବଂ ଜାତୀୟ ରାଜପଥ ସମସ୍ୟା ପ୍ରମୁଖ ବିଷୟ ଉପସ୍ଥାପନ କରିଥିଲେ। ଜିଲାରେ ଉଦ୍ୟୋଗ ବିକାଶ ନିମନ୍ତେ ଆଗକୁ ଏସବୁ ବିଷୟରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହିତ ବିଷଦ ଆଲୋଚନା କରିବା ଦର୍ଶାଇଥିଲେ। ଏଥି ସହିତ ଏମଏସଏମ୍ଇ ମାଧ୍ୟମରେ କିଭଳି ଅଧିକରୁ ଅଧିକ ଜିଲାର ଉଦ୍ୟୋଗୀମାନଙ୍କର ଆର୍ଥିକ ଉନ୍ନତି କରାଯାଇପାରିବ ସେ ନେଇ ମଧ୍ୟ ଆଗାମୀ ସମୟରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହିତ ଚ୍ୟାମ୍ବର ଅଫ କମର୍ସ ଆଲୋଚନା କରିବ ବୋଲି ସୂଚାଇଥିଲେ। ଚ୍ୟାମ୍ବର ଅଫ କମର୍ସ ସାଧାରଣ ସମ୍ପାଦକ ସୁନୀଲ କୟାଲ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଉପ-ସଭାପତି ରାଜେଶ କୁମାର ଅଗ୍ରୱାଲ ବୈଠକକୁ ପରିଚାଳନା କରିଥିଲେ। ପରିଶେଷରେ ଚେମ୍ବର ଅଫ କମର୍ସ ସଭାପତି ଶୁଭ ପଟ୍ଟନାୟକ ବୈଠକର ବିରାମ ଘୋଷଣା କରିଥିଲେ।

## ଆର୍‌ଏସ୍‌ପିରୁ ଆଇରନ ସ୍କ୍ରାପ ଚୋରି: ଜଣେ ଗିରଫ

ରାଉରକେଲା ଅଫିସ, ୫।୪

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରୁ ଆଇରନ ସ୍କ୍ରାପ ଚୋରି କରିଥିବା ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଫଟାପାଇପ ଅଞ୍ଚଳର କାର୍ତ୍ତିକ ରାଉତରିଆ(୨୬)। ସୂଚନାଯୋଗ୍ୟ, ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଫଟାପାଇପ ଅଞ୍ଚଳରେ କାର୍ତ୍ତିକ ବାସ କରନ୍ତି। ମଙ୍ଗଳବାର ରାତି ସାଢେ ୮ଟାରେ ଆରଏସପିର ପାଚେରି ଡେଇଁ କାରଖାନା ଭିତରକୁ ପଶିଥିଲେ। ପରେ ସେ ଆରଏସପିର ଷ୍ଟକିୟାର୍ଡ ଅଞ୍ଚଳରୁ ୪୦କେ.ଜି ଆଇରନ ସ୍କ୍ରାପ ଚୋରି କରି ଫେରାର ହେଉଥିବାବେଳେ ସିଆଇଏସ୍ଏଫ୍ ଯବାନଙ୍କ ହାବୁଡରେ ପଡି ଯାଇଥିଲେ। ସିଆଇଏସ୍ଏଫ୍ ଯବାନ ଅଭିଯୁକ୍ତ କାର୍ତ୍ତିକଙ୍କୁ ଧରି ଟାଙ୍ଗରପାଲି ପୋଲିସକୁ ବୁଧବାର ହସ୍ତାନ୍ତର କରିଥିଲା। ପୋଲିସ ତାଙ୍କଠାରୁ ୪୦ କେ.ଜି ଆଇରନ ସ୍କ୍ରାପ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର: ୩ ଗିରଫ

କୁତ୍ରା, ୫।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗତ ଫେବୃଆରୀ ୯ ତାରିଖ କୁତ୍ରା ଅଞ୍ଚଳର ଜଣେ ନାବାଳିକା (୧୫) ତାଙ୍କ ଘରେ ଥିବାବେଳେ ୩ ଜଣ ଯୁବକ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ତାଙ୍କ ବାପା ବାହାରେ ରହି କାମ କରନ୍ତି। ବାପା ଆସିଲା ପରେ ନାବାଳିକା ଜଣକ ଘରେ ସବୁକଥା କହିବାରୁ ବୁଧବାର ଝିଅର ବାପା ଏନେଇ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ଏଲଗା କଣ୍ଟାଝାର ଗ୍ରାମର ରୋହିତ ଡୁଙ୍ଗଡୁଙ୍ଗ (୧୯) , ପରମୁଁ ମିଞ୍ଜ (୨୨) ଓ ଛପନ ନାଏକଙ୍କୁ ଗିରଫ କରିଛି।

### ଗାଡିମୋଟର ଯାଞ୍ଚ: ୩.୬୬ଲକ୍ଷ ଜରିମାନା ଆଦାୟ

ବେଲପାହାଡ,୫।୪(ଡି.ଏନ.ଏ.): ଶୂନ୍ୟ ଦୁର୍ଘଟଣା ସପ୍ତାହ ପାଳନ ଅବସରରେ ବେଲପାହାଡ ପୋଲିସ ଗାଡିମୋଟର ଯାଞ୍ଚ ଜୋରଦାର କରିଛି। ମଙ୍ଗଳବାର ପୋଲିସ ଓ ଜିଲା ପରିବହନ ବିଭାଗ ପକ୍ଷରୁ ବେଲପାହାଡର ବିଭିନ୍ନ ଛକରେ ଯାଞ୍ଚ କରାଯାଇଥିଲା। ମଦପିଇ ଗାଡି ଚଳାଉଥିବା ୩ ଜଣ, ୩ଜଣ ଅଣ୍ଡରଏଜ ତଥା ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୬୦ ଜଣଙ୍କଠାରୁ ଚାଲାଣ କଟାଯିବା ସହ ୩ଲକ୍ଷ ୬୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

### ୪ ଫେରାର ଅଭିଯୁକ୍ତ ଗିରଫ

ବେଲପାହାଡ,୫।୪ (ଡି.ଏନ.ଏ.): ବେଲପାହାଡ ଥାନା ଅଞ୍ଚଳରେ ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିବା ୪ଜଣ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବେଲପାହାଡ ଥାନା ଅନ୍ତର୍ଗତ ନୂଆଁପଡ଼ାର ଓମ୍ପ୍ରକାଶ ରାୟ(୪୮), ମୁଚବାହାଲ ମହୁଲପଡ଼ାର ଜୟ ନାରାୟଣ ସିଂ(୭୦) ଓ ଗରୁଡ଼ ଷଣ୍ଡ(୫୫) ଏବଂ ଗୁମାଡେରା ଫାଟକ ପଡ଼ାର ଧିରେନ ସୁନା(୪୨)। ଏମାନଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଲପାହାଡ ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

### ନିଖୋଜ ଆଇଟିଆଇ ଛାତ୍ର ଗାନ୍ଧୀ ଛକରୁ ଉଦ୍ଧାର

ବେଲପାହାଡ,୫।୪(ଡି.ଏନ.ଏ.): ବେଲପାହାଡ ଥାନା ଅନ୍ତର୍ଗତ ଆଜାଦ ଛକରୁ ନିଖୋଜ ହୋଇଥିବା ଜଣେ ୧୬ ବର୍ଷୀୟ ଆଇଟିଆଇ ଛାତ୍ରଙ୍କୁ ପୋଲିସ ଉଦ୍ଧାର କରିଛି। ସୂଚନାକ୍ରମେ ଗତ ୧ ତାରିଖରୁ ନାବାଳକ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ଶେଷରେ ୩ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଅପହରଣ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା। ତେବେ ମୋବାଇଲ କଲ ଟ୍ରେସ କରି ଗାନ୍ଧୀ ଛକ ଅଞ୍ଚଳରୁ ପୋଲିସ ତାଙ୍କୁ ଉଦ୍ଧାର କରିଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

# ଶରଧାପୁର ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଲହୁଣୀପଡ଼ା,୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ପ୍ରାଧାପକ ଡ. ସନାତନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଲହୁଣୀପଡା ସମିତି ସଭ୍ୟା ଲକ୍ଷ୍ମୀ କିଷାନ, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ସମିତି ସଭ୍ୟ ଅଶୋକ କୁମାର ବେହେରା, ସଙ୍କୁଳ ପ୍ରମୁଖ ମାନସ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ରାଜକିଶୋର ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଦିବାକର ମାହାନ୍ତ ପରିଚୟ ପ୍ରଦାନ କରିଥିଲେ। ସଚିନ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ଟିକିମଞ୍ଜରୀ ମାହାନ୍ତ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରସାନନ୍ଦ ମାହାନ୍ତ, ମୋହନ ଚନ୍ଦ୍ର ମାହାନ୍ତ, ଚଞ୍ଚଳା ମାହାନ୍ତ, ସତିନ ମାହାନ୍ତ, ଧନେଶ୍ୱରୀ ମାହାନ୍ତ, ମଞ୍ଜୁଲତା ମାହାନ୍ତ, ମାମୀ ସାହୁ, ମମତା ସାହୁ, ମମତା ବେହେରା, ଚିରସ୍ମିତା ମାହାନ୍ତ, ମଧୁସ୍ମିତା ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରେନ ଧକ୍କାରେ ଯୁବକ ମୃତ

ରାଉରକେଲା ଅଫିସ,୫।୪

ଅଜଣା ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ ଶରୀରକୁ ରାଉରକେଲା ଜିଆରପି ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ଅଖିଳେସ ତିୱାରୀ(୨୭) । ପୋଲିସ ସୂଚନା ଅନୁଯାୟୀ, ଛେଣ୍ଡଥାନା ଅନ୍ତର୍ଗତ ଆରଡିଏ କଲୋନୀରେ ଅଖିଲେସ ପରିବାର ସହ ବାସ କରନ୍ତି। ସେ ରାଉରକେଲାରେ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟିଗାର୍ଡ ଭାବେ କାମ କରନ୍ତି। ବୁଧବାର ସକାଳ ସାଢେ ୬ଟାରେ କୌଣସି କାମପାଇଁ ପାନପୋଷ ଯାଉଥିଲେ। ଏହି ସମୟରେ ପାନପୋଷ କିଷାନଟୋଲା ବସ୍ତି ପାଖରେ ଥିବା ରେଳଧାରଣା ପାରି ହେଉଥିବାବେଳେ କୌଣସି ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରେଳଧାରଣା କଡରେ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡ ଓ ଛାତିରେ ଖୁବ ଜୋରରେ ଆଘାତ ଲାଗିଥିଲା। ଏହି ଦୃଶ୍ୟ ସ୍ଥାନୀୟ ବସ୍ତିବାସୀ ଦେଖି ଜିଆରପି ପୋଲିସକୁ ଅବଗତ କରାଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରିଛି।

# ନାଳ ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୫।୪: ଦେଓଗାଁ ମୁଣ୍ଡାବସ୍ତି ନାଳରେ ଜଣେ ଯୁବକ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ଜଣଙ୍କ ଲେବରକଲୋନୀ ଅଞ୍ଚଳର ପଞ୍ଚାନନ ସେଠୀ(୩୯)। ସୂଚନାଯୋଗ୍ୟ, ଟାଙ୍ଗରପାଲି ଥାନା ଅନ୍ତର୍ଗତ ଲେବରକଲୋନୀରେ ପଞ୍ଚାନନ ପରିବାର ସହ ବାସ କରନ୍ତି। ସେ ରାଉରକେଲା ଦେଓଗାଁ, ଫର୍ଟିଲାଇଜର ଓ ବାଲୁଘାଟ ଅଞ୍ଚଳରେ ସାଇକେଲରେ ବୁଲି ମାଛ ବ୍ୟବସାୟ କରି ନିଜର ପରିବାର ଭରଣପୋଷଣ କରନ୍ତି। ସବୁଦିନ ପରି ବୁଧବାର ପଞ୍ଚାନନ ବାଲୁଘାଟ ଅଞ୍ଚଳରେ ମାଛବିକ୍ରୀ କରିସାରି ଘରକୁ ଫେରୁଥିବା ସମୟରେ ଦେଓଗାଁ ମୁଣ୍ଡାବସ୍ତି ପାଖରେ ଥିବା ନାଳରେ ତାର ସାଇକେଲ ଓ ଝୁଡିକୁ ଧୋଇବା ପାଇଁ ପଶିଥିଲେ। ଏହି ସମୟରେ କୌଣସି କାରଣରୁ ତାଙ୍କ ଗୋଡ ଖସିଯିବାରୁ ନାଳ ଭିତରେ ପଡିଯାଇ ମୃତ୍ୟୁ ବରଣ କରିଥିଲେ। ଏହି ଦୃଶ୍ୟ ସ୍ଥାନୀୟ ଲୋକେ ଦେଖି ରଘୁନାଥପାଲି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ଆରଜିଏଚ ମର୍ଗ ହାଉସରେ ରଖିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡିଛି।

# ହାପି ଟୁ ହେଲ୍ପ ଫାଉଣ୍ଡେଶନର ପ୍ରସ୍ତୁତି ବୈଠକ



ବୈଠକରେ ହାପି ଟୁ ହେଲ୍ପ ଫାଉଣ୍ଡେସନର କର୍ମକର୍ତ୍ତା।

ଦେବଗଡ଼, ୫।୪(ଡି.ଏନ୍.ଏ.)

ବାରକୋଟ ବ୍ଲକସ୍ଥିତ ଡାକବଙ୍ଗଳାରେ ହାପି ଟୁ ହେଲ୍ପ ଫାଉଣ୍ଡେସନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଫାଉଣ୍ଡେସନ କେମିତି ଆଗକୁ ବାରକୋଟ ଅଞ୍ଚଳରେ ନିଜର ସେବା ପ୍ରଦାନ କରିବ। ଫାଉଣ୍ଡେସନର କାର୍ଯ୍ୟପନ୍ଥା କେମିତି ରହିବ ଏ ବିଷୟରେ ଆଲୋଚନା ହୋଇଥିଲା। ଫାଉଣ୍ଡେସନ ତରଫରୁ ପ୍ରାଥମିକତା ସ୍ତରରେ ବାରକୋଟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଉ ବୋଲି ସମସ୍ତେ ନିଜର ମତାମତ ରଖିଲେ। ବାରକୋଟର ବିଭିନ୍ନ ଅଞ୍ଚଳରୁ ଫାଉଣ୍ଡେସନରେ ଯୋଗ ଦେବା ପାଇଁ ବହୁତ ନେତୃସ୍ଥାନୀୟ ବ୍ୟକ୍ତିତ୍ୱ ନିଜର ଆଗ୍ରହ ପ୍ରକାଶ କରିଥିବାରୁ ଫାଉଣ୍ଡେସନ ତରଫରୁ ଅଶେଷ ଧନ୍ୟବାଦ ଦିଆଯାଇଥିଲା। ବୈଠକରେ ସତ୍ୟନାରାୟଣ ପାଣି, ପ୍ରକାଶ ପାଣି, ଚିତ୍ତରଞ୍ଜନ ପ୍ରଧାନ, ସମରେନ୍ଦ୍ର ଜିତ, ରାଜକିଶୋର ଦାଶ, ଅମରେନ୍ଦ୍ର ଗଙ୍ଗଦେବ, ଭୂପେନ ପ୍ରସାଦ ନାୟକ, ରଶ୍ମିତ ବେହେରା, ଆଲୋକ ଓମାନ୍ତ, ପିଙ୍କୁନ ଯତୀନ, ଦୀପନ ନାୟକ, ବିକାଶ ନାୟକ, ଶୈଳେନ୍ଦ୍ର ବ୍ରିନେଦ, ଶଙ୍କରଷଣ ମହାପାତ୍ର, ଚନ୍ଦ୍ର ଭୁଲ୍ଲା, ବିକାଶ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସିଏସ୍‌ଆର୍ ଓ ପରିବେଶ ଉତ୍କର୍ଷ ନେଇ ଆର୍‌ଏସ୍‌ପିର ଗ୍ରୋ କେୟାର ପୁରସ୍କାର ଲାଭ

ରାଉରକେଲା ଅଫିସ,୫।୪

ଆର୍‌ଏସ୍‌ପି ସମ୍ମାନଜନକ ଗ୍ରୋକେୟାର ଇଣ୍ଡିଆ ସିଏସ୍‌ଆର ଶିକ୍ଷା ପୁରସ୍କାର ୨୦୨୨ ଓ ଗ୍ରୋ କେୟାର ପରିବେଶ ଉତ୍କର୍ଷତା ପୁରସ୍କାର ୨୦୨୨ରେ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଛି। ଏ ପୁରସ୍କାର ନୂଆଦିଲ୍ଲୀରେ ଏପ୍ରିଲ ୩ରେ ଅନୁଷ୍ଠିତ ଉତ୍ସବରେ ପ୍ରଦାନ କରାଯାଇଥିଲା। ଆରଏସପି ପକ୍ଷରୁ ଏହି ପୁରସ୍କାର ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ୍ ଅଜୟ କୁମାର ନାୟକ ଓ ପରିବେଶ ଇଞ୍ଜିନିୟରିଙ୍ଗ ବିଭାଗର ସିଜିଏମ୍ ଇନଚାର୍ଜ ପିସି ଦାଶ ଗ୍ରହଣ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ମାନ୍ୟବର ଇସ୍ପାତ ଓ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂ କୁଲସ୍ତେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣର ଭାରପ୍ରାପ୍ତ ସଦସ୍ୟ, ସଚିବ ତଥା ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା କମଳ କିଶୋର ସମ୍ମିଳିତ ଥିଲେ। ଗ୍ରୀନ ହାଉସ୍ ଗ୍ୟାସ ନିର୍ଗମନ ହ୍ରାସ,ସର୍ବାଧିକ କଠିନ ବର୍ଜ୍ୟବସ୍ତୁ ପରିଚାଳନା,ସବୁଜ ବିକାଶ, ଶୂନ୍ୟ ତରଳ ଦ୍ରବ୍ୟ ନିଷ୍କାସନ ଦିଗରେ ପ୍ରୟାସ ତଥା ପରିବେଶ ବାୟୁ ଗୁଣବତାରେ ଉନ୍ନତି ପରିବେଶ ପରିଚାଳନା ଓ ନିରନ୍ତର ବିକାଶ କ୍ଷେତ୍ରରେ ଥିବା ନିରବଛିନ୍ନ ପ୍ରୟାସ ନିମନ୍ତେ ଆରଏସପିକୁ ଗ୍ରୋ କେୟାର ପରିବେଶ ଉତ୍କର୍ଷତା ପୁରସ୍କାର-୨୦୨୨ ଏବଂ ସହରାଞ୍ଚଳ ବସ୍ତି ,ଆଦର୍ଶ ଇସ୍ପାତ ଗ୍ରାମ, ପୁର୍ନବସତି କଲୋନୀ ଏବଂ ପାର୍ଶ୍ୱାଞ୍ଚଳ ବ୍ଲକ ସହିତ ସମାଜର ବଞ୍ଚିତ ବର୍ଗର ପିଲାଙ୍କ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଅଧିକ ପ୍ରୋତ୍ସାହିତ କରିବା ନିମନ୍ତେ ଗ୍ରୋ କେୟାର ଇଣ୍ଡିଆ ସିଏସଆର୍ ଶିକ୍ଷା ପୁରସ୍କାର-୨୦୨୨ ପ୍ରଦାନ ହୋଇଥିଲା।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ରାଉରକେଲା ଅଫିସ,୫।୪

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ କଦଳୀବାହାଲ ଗ୍ରାମରେ ଜଣେ ମହିଳାଙ୍କୁ ଲୁହା ପାଇପ୍‌ରେ ପିଟି ପିଟି ହତ୍ୟା କରିବା ଘଟଣାରେ ଅଭିଯୁକ୍ତ ହତ୍ୟାକାରୀ ଅନୀଲ ଖାଲକୋଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ରାଉରକେଲା ଏଡିଜେ-୧ ଭି ସୂଜାତା। ଏହାସହିତ ହତ୍ୟାକାରୀଙ୍କୁ ୨ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ମଧ୍ୟ କରାଯାଇଛି। ଏହା ପୈଠ ନ କଲେ ଏକମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବା ଆଦେଶ ହୋଇଛି। ୨୦୧୭ ଜୁନ୍ ୨୪ ରେ ଅନୀଲ ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ପାରିବାରିକ ଗଣ୍ଡଗୋଳର ସମାଧାନ କରିବାକୁ ଆସିଥିବା କଦଳୀବାହାଲ ଗ୍ରାମର ସୁରେଇ କିସପଟ୍ଟାଙ୍କୁ ଖାଲକୋ ଲୁହା ପାଇପ୍‌ରେ ପିଟି ଗୁରୁତର କରିଥିଲେ। ମାତ୍ର ସୁରେଇଙ୍କ ଚିକିତ୍ସାଧୀନ ଅବସ୍ଥାରେ ହିଁ ମୃତ୍ୟୁ ଘଟିଥିଲା। ପରେ ୨୦୧୭ ମସିହା ଜୁନ୍ ୨୭ତାରିଖ ବିଶ୍ରା ଥାନାରେ ମନୋଜ କୁଜୁର ସୁରେଇଙ୍କ ମୃତ୍ୟୁ ନେଇ ଅଭିଯୋଗ କରିଥିଲେ। ତଦନ୍ତ ପରେ ହତ୍ୟା ଘଟଣାରେ ୧୧ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ରାଉରକେଲା ଏଡିଜେ ହତ୍ୟାକାରୀ ଅନୀଲ ଖାଲକୋଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ସୂଚନା ପ୍ରଦାନ କରିଛନ୍ତି ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର କ୍ୟାଡର ସ୍ୱରୂପ ରଞ୍ଜନ ରଥ।

# ଛକଜାଗାରେ ସିସି କ୍ୟାମେରା ଖଞ୍ଜିବାକୁ ଭାଜପା ଯୁବ ମୋର୍ଚ୍ଚାର ଦାବି

ଦେବଗଡ଼, ୫।୪(ଡି.ଏନ୍.ଏ.)



ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଦାବିପତ୍ର ଦେବାକୁ ଆସିଛନ୍ତି।

ଦେବଗଡ଼ ପୌରାଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ଆଦି ବିଭିନ୍ନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଏହାକୁ ପ୍ରତିହତ କରିବା ପାଇଁ ସହରର ପ୍ରତ୍ୟେକ ଛକରେ କ୍ଲୋଜ ସର୍କିଟ କ୍ୟାମେରା (ସିସିଟିଭି) ଖଞ୍ଜିବା ପାଇଁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲା ପୋଲିସ ନିକଟରେ ଦାବି କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, କାଉନସିଲର କାର୍ତ୍ତିକ ମହାକୁଳ ଓ ମଧୁସୁଦନ ବାଘ, ଆଲୋକ କୁମାର ଦ୍ୱିବେଦୀ ପ୍ରମୁଖ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ କାର୍ଯ୍ୟାଳୟକୁ ଯାଇ ଏସ୍‌ପି ପ୍ରମୋଦ କୁମାର ରଥଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୌରାଞ୍ଚଳରେ ଚୋରି ଓ ଡକାୟତି ଆଦି ବିଭିନ୍ନ ଅପରାଧ ବଢି ଚାଲିଥିବାବେଳେ ଯଥେଷ୍ଟ ପ୍ରମାଣ ମିଳିପାରୁ ନ ଥିବା ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି। ସହରର ପ୍ରତ୍ୟେକ ଛକରେ କ୍ଲୋଜ ସର୍କିଟ କ୍ୟାମେରା ଖଞ୍ଜାଯିବା ଆବଶ୍ୟକ ବୋଲି ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ରାତିରେ ସହର ମଧ୍ୟରେ ଘଟିଥିବା ମହିଳା ଫାଇନାନ୍ସ କର୍ମଚାରୀଙ୍କ ହତ୍ୟା ଘଟଣାକୁ ଉଦାହରଣ ଭାବେ ଉଲ୍ଲେଖ କରାଯାଇ କ୍ଲୋଜ ସର୍କିଟ କ୍ୟାମେରା ଖଞ୍ଜାଯାଇଥିଲେ ଅପରାଧିଙ୍କୁ ଧରିବା ସହଜ ହୋଇଥାନ୍ତା ବୋଲି ମଧ୍ୟ ଉକ୍ତ ଦାବିପତ୍ରରେ ପରୋକ୍ଷରେ ଦର୍ଶାଯାଇଛି।

# ଖଣିର ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ଜନଶୁଣାଣି

ଟେନ୍‌ସା,୫।୪(ଡି.ଏନ.ଏ)



ପରିବେଶ ସମ୍ବନ୍ଧୀୟ ଜନଶୁଣାଣିରେ ଉପସ୍ଥିତ ଅଞ୍ଚଳବାସୀ।

ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ନ୍ୟାସନାଲ ଏଣ୍ଟରପ୍ରାଇଜେସ ସାନଇନ୍ଦୁପୁର ଲୁହାପଥର ଓ ମାଙ୍ଗାନିଜ ଖଣି ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ ସାନଇନ୍ଦୁପୁର ଗ୍ରାମରେ ୭୦.୯୧୭ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ମେସର୍ସ ନ୍ୟାସନାଲ ଏଣ୍ଟରପ୍ରାଇଜେସ ସାନଇନ୍ଦୁପୁର ଲୁହାପଥର ଓ ମାଙ୍ଗାନିଜ ଖଣିର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆବଶ୍ୟକ ପଡୁଥିବା ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ସାନଇନ୍ଦିପୁର ଗ୍ରାମ ସାପ୍ତାହିକ ବଜାର ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼.ବିନୋଦ ବିହାରି ଦାସ, ବୈଜ୍ଞାନିକ ପରେଶରଞ୍ଜନ ଦାସ, କୋଇଡା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ନ୍ୟାଶନାଲ ଏଣ୍ଟପ୍ରାଇଜେସ ଖଣିର ଭୂତତ୍ୱ ବିଭାଗର ବିକ୍ରମ କୁମାର ସ୍ୱାଇଁ ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପରେ ଜନସାଧାରଣଙ୍କ ଠାରୁ ମତାମତ ଲୋଡ଼ା ଯାଇଥିଲା। ପାରିପାର୍ଶ୍ୱିକ ଗ୍ରାମର ୧୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ୭୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ନ୍ୟାଶନାଲ ଇଣ୍ଟରପ୍ରାଇଜେସ ଖଣି ସପକ୍ଷରେ ମତାମତ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ, ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ଖେଳପଡ଼ିଆର ଉନ୍ନତିକରଣ, ଅଧିକ ବୃକ୍ଷ ରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ଆଦିକୁ ଗ୍ରାମବାସୀ ଦାବି କରିଥିଲେ। ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ଖଣି ପରିଚାଳକ ଅଶୋକ କୁମାର ଭୂୟା ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଯୁବ ସମାଜସେବୀ ବାଦଲ ବାରିକ, ମାଲଦା ସରପଞ୍ଚ ସୁରୁବାଲି ପାତ୍ର, କୋଇଡ଼ା ଖ ଜିଲା ପରିଷଦ ଅଶୋକ ନାଏକ, ବଣାଇର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜନାର୍ଦ୍ଦନ ଦେହୁରୀ, ମଧୁ ବାରିକ, ଗଣେଶ ଆପଟ, ପ୍ରଫୁଲ୍ଲ ବାରିକ, ସହଦେବ ବେହେରା, ଆନନ୍ଦ ବାରିକ, ମେସର୍ସ ନ୍ୟାଶନାଲ ଏଣ୍ଟରପ୍ରାଇଜେସ ସାନଇନ୍ଦୁପୁର ଲୁହାପଥର ଓ ମାଙ୍ଗାନିଜ ଖଣି ଖୋଲିବାକୁ ସମର୍ଥନ କରିଥିଲେ। ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା, କୋଇଡା ଥାନା ଅଧିକାରୀ ଲୋକେଶ୍ୱର ସାହୁଙ୍କ ସମେତ ଶତାଧିକ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ। ନ୍ୟାଶନାଲ ଏଣ୍ଟରପ୍ରାଇଜେସର ଉପସଭାପତି ନିମାନନ୍ଦ ପ୍ରଧାନ, ଖଣି ମ୍ୟାନେଜର ଶଶିକାନ୍ତ ବେହେରାଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ୪ ଅଭିଯୁକ୍ତଙ୍କୁ ଜେରା ଆରମ୍ଭ କଲା କ୍ରାଇମ୍‌ବ୍ରାଞ୍ଚ

**ବଲାଙ୍ଗୀର ଅଫିସ, ୫।୪**

ବହୁଚର୍ଚ୍ଚିତ ଜାଲ୍ ସାର୍ଟିଫିକେଟ୍ ମାମଲାର ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର, ପ୍ରମୁଖ ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସମେତ ଜାଲ ସାର୍ଟିଫିକେଟ୍ ବ୍ୟବହାର କରିଥିବା ଦୁଇ ଅଭିଯୁକ୍ତ ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କୁ ବୁଧବାର ଅପରାହ୍ଣରେ ୩ ଦିନିଆ ରିମାଣ୍ଡରେ ନେଇ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଜେରା ଆରମ୍ଭ କରିଛି। ଅନ୍ୟପଟେ ଜାଲ ସାର୍ଟିଫିକେଟ ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଖୋଦ୍ କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ବୁଧବାର ବଲାଙ୍ଗୀର ପହଞ୍ଚି ଏଠାରେ କ୍ୟାମ୍ପ କରିବା ସହ ଜାଲ୍ ସାର୍ଟିଫିକେଟ ମାମଲାର କ୍ରାଇମ୍‌ବ୍ରାଞ୍ଚ ସ୍ତରୀୟ ତଦନ୍ତର ସମୀକ୍ଷା କରିଛନ୍ତି।

ରିଜର୍ଭ ପୋଲିସ ବାରାକ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏସ୍‌ପି ନୀତିନ କୁଶଲକର, କ୍ରାଇମ୍‌ବ୍ରାଞ୍ଚ ଡିଏସପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱାଧୀନ ୫ ଜଣିଆ ଟିମ୍, ବଲାଙ୍ଗୀର ପୋଲିସର କେତେକ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହି ବୈଠକରେ ଏସ୍‌ପି କୁଶଲକର ଜାଲ ସାର୍ଟିଫିକେଟ ରାକେଟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ତଥ୍ୟ ଦେଇଥିଲେ। ଆଇଜି ସିହ୍ନା ସମୀକ୍ଷା ବୈଠକରେ ରାଜ୍ୟ ଭିତର ଏବଂ ବାହାର ଜାଲ ସାର୍ଟିଫିକେଟ କାରବାରର ମୂଳ ଉତ୍ସ ଖୋଜିବାକୁ ଗୁରୁତ୍ୱାରୋପ କରିବା ସହ ଏହି ଜାଲ ସାର୍ଟିଫିକେଟ କାରବାରରେ ହୋଇଥିବା ଆର୍ଥିକ କାରବାର ସମ୍ପର୍କରେ ଅଧିକ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଇନ୍ସପେକ୍ଟର ମମତାରାଣୀ ପଣ୍ଡାଙ୍କ ନେତୃତ୍ୱରେ ଆଉ ଏକ ଟିମ୍ ବୁଧବାର ବଲାଙ୍ଗୀର ପହଞ୍ଚିଛି। ଜାଲ ସାର୍ଟିଫିକେଟ କାରବାରର ମୂଳ ଉତ୍ସ ଖୋଜିବା ଏବଂ ଆର୍ଥିକ କାରବାରର ପର୍ଦ୍ଦାଫାଶ କରିବା ସହ ଏଭଳି ଜଘନ୍ୟ କାରବାରେ କେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ଖୋଜି ବାହାର କରିବାକୁ ଆଇଜି ସିହ୍ନା ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟ କ୍ରାଇମ୍‌ବ୍ରାଞ୍ଚର ରିମାଣ୍ଡ ପିଟିସନ୍ ଉପରେ ବିଚାର କରି ତିନିଦିନ ରିମାଣ୍ଡ ପାଇଁ ଅନୁମତି ଦେଇଥିଲେ। ବୁଧବାରଠାରୁ ଏହି ରିମାଣ୍ଡ ଅବଧି ଆରମ୍ଭ ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ। ବୁଧବାର କ୍ରାଇମ୍‌ବ୍ରାଞ୍ଚ ଟିମ୍ ଜିଲା କାରାଗାରକୁ ଆସି କଡା ସୁରକ୍ଷା ଭିତରେ ଏକ ଭ୍ୟାନ୍‌ରେ ଜାଲ ସାର୍ଟିଫିକେଟ ମାମଲାର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର, ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତା, ଜାଲ ସାର୍ଟିଫିକେଟ ବ୍ୟବହାର କରି ଧରାପଡିଥିବା ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କୁ ରିମାଣ୍ଡରେ ନେଇଥିଲେ। ୪ ଅଭିଯୁକ୍ତଙ୍କୁ ଜିଲା କାରାଗାରରୁ ସିଧାସଳଖ ବଲାଙ୍ଗୀର ରିର୍ଜଭ ପୋଲିସ ବାରାକ୍ ଭିତରେ ଥିବା ଓଡ୍ରାଫ୍ କୋଠାକୁ ନିଆଯାଇଥିଲା। ସେଠାରେ ପୂର୍ବରୁ ପ୍ରସ୍ତୁତ କ୍ରାଇମ୍‌ବ୍ରାଞ୍ଚର ଯୋଜନା ଅନୁସାରେ ତଦନ୍ତ ଓ ଜେରା ଆରମ୍ଭ ହୋଇଥିବା ଜଣାପଡିଛି। ଏହି ରିମାଣ୍ଡ ଅବଧି ଭିତରେ ଅଭିଯୁକ୍ତମାନଙ୍କୁ ରିଲାଏନ୍ସ କୋଚିଂ ସେଣ୍ଟରକୁ ନିଆଯାଇ କିଭଳି ସେମାନେ ଜାଲ ସାର୍ଟିଫିକେଟ କାରବାର ଜାରି ରଖିଥିଲେ ତାର ସମ୍ପୂର୍ଣ୍ଣ କୌଶଳ ଅଭିଯୁକ୍ତଙ୍କ ଠାରୁ ଜାଣିବାକୁ ଚେଷ୍ଟା କରିବ ବୋଲି ଜଣାପଡିଛି। ଏହା ବ୍ୟତୀତ ଜିଲା ଭିତରେ, ରାଜ୍ୟ ଭତର ଏବଂ ବାହାରେ କେଉଁମାନେ ବିଭିନ୍ନ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟରୁ ଏହି ଜାଲ୍ ସାର୍ଟିଫିକେଟ ନେଟୱର୍କ ଚଳାଉଥିଲେ ତାକୁ ଭେଦ କରିବାକୁ କ୍ରାଇମ୍‌ବ୍ରାଞ୍ଚ ଚେଷ୍ଟା କରିବ। ଆବଶ୍ୟକ ପଡିଲେ ଅଭିଯୁକ୍ତଙ୍କ ସୂଚନା ଅନୁସାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବିଭିନ୍ନ ଲୋକଙ୍କୁ ଉଠାଇବ ବୋଲି ଜଣାପଡିଛି।

ଆଜି ଦିନତମାମ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବଲାଙ୍ଗୀର ପ୍ରଧାନ ଡାକଘରକୁ ଯାଇ ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ଭେଟି ସମସ୍ତ ବିବରଣୀ, ଡକ୍ୟୁମେଣ୍ଟ ସଂଗ୍ରହ କରିଥିଲେ। ଡାକ ବିଭାଗ ଗ୍ରାମୀଣ ଡାକ ସେବକ ପଦବୀରେ ଆପେଦନ କରିଥିବା ସୁବଳୟା ଭୋଇ ନାମକ ଜଣେ ପ୍ରାର୍ଥିନୀଙ୍କ ମାର୍କସିଟ୍ ଏବଂ ବୋର୍ଡ ସାର୍ଟିଫିକେଟ ଜାଲ ସନ୍ଦେହ କରି କିଭଳି ଏହି ଘଟଣାକୁ ଧରିଥିଲେ ତାକୁ କ୍ରାଇମ୍‌ବ୍ରାଞ୍ଚ ଟିକିନିକି ବୁଝିଥିଲେ। ଉକ୍ତ ପ୍ରାର୍ଥିନୀଙ୍କୁ ସନ୍ଦେହରେ ପ୍ରଶ୍ନ କରିବା ପରେ ସେ କିଭଳି ଅରିଜିନାଲ ମାର୍କସିଟ୍ ଏବଂ ସାର୍ଟିଫିକେଟ ଛାଡି ଫେରାର ମାରିଥିଲେ ତାକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଡାକ ଅଧୀକ୍ଷକଙ୍କଠାରୁ ନେଇଥିବା ଜଣାପଡିଛି।


କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ବଲାଙ୍ଗୀରରେ ଜାଲ ସାର୍ଟିଫିକେଟ ମାମଲାର ସମୀକ୍ଷା କରୁଛନ୍ତି।


କ୍ରାଇମ୍‌ବ୍ରାଞ୍ଚ ଟିମ୍ ବଲାଙ୍ଗୀର ଜିଲା କାରାଗାରରୁ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଉଛନ୍ତି।

**ଜାଲ୍ ସାର୍ଟିଫିକେଟ୍ ମାମଲା**

- ବଲାଙ୍ଗୀରରେ କ୍ୟାମ୍ପ କରି ସମୀକ୍ଷା କଲେ କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା
- ଗୁରୁତ୍ୱପୂର୍ଣ୍ଣ ଇନ୍‌ପୁଟ ଦେଲେ ଏସ୍‌ପି ନୀତିନ କୁଶଲକର
- ଇନ୍ସପେକ୍ଟର ମମତାରାଣୀ ପଣ୍ଡାଙ୍କ ନେତୃତ୍ୱାଧୀନ ଆଉ ଏକ ଟିମ୍ ବଲାଙ୍ଗୀର ପହଞ୍ଚିଲା
- ବଲାଙ୍ଗୀର ପ୍ରଧାନ ଡାକଘରରେ ଛାନ୍‌ଭିନ୍ କଲେ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ
- ଆର୍ଥିକ କାରବାର ଦିଗକୁ ଅଧିକ ଅନୁସନ୍ଧାନ କରିବାକୁ ଗୁରୁତ୍ୱ

## ସଂକ୍ଷେପରେ

### ବାଘମୁଣ୍ଡରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଖପ୍ରାଖୋଲ, ୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ରାଜସ ନିରୀକ୍ଷକ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସରକାର ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଘୋଷଣା କରିଥିବା ବେଳେ ବାଘମୁଣ୍ଡ ପଞ୍ଚାୟତ ଓ ଚଙ୍ଗରିଆ ପଞ୍ଚାୟତର ୧୧ଟି ରାଜସ୍ୱ ଗ୍ରାମକୁ ନେଇ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଗଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ନିରୂପମା ପଟେଲ, ସରପଞ୍ଚ ଦେବାଶିଷ ସାହୁ, ଜିଲା ପରିଷଦ ସଦସ୍ୟା ପ୍ରମିଳା ପାଥର, ବ୍ଲକ ଉପାଧକ୍ଷା ସୁଖିରାମ ସାଣ୍ଡ, ସମିତି ସଭ୍ୟ କୀର୍ତ୍ତିନାରାୟଣ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଦିଲିପ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କର୍ଲାମୁଣ୍ଡାରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ

**ପ୍ରଥମ ଦିନରେ ୨୪ ଜଣଙ୍କ ଜମି ରେଜିଷ୍ଟ୍ରି**

**କର୍ଲାମୁଣ୍ଡା,୫।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତହସିଲ କାର୍ଯ୍ୟାଳୟଠାରେ ବୁଧବାର ଉପନିବନ୍ଧକ (ସବ୍-ରେଜିଷ୍ଟ୍ରାର)ଙ୍କ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ବିଧାୟକ ସିଂ, ତହସିଲଦାର ଏମ. କେ. ଝାଙ୍କର, ବିଡିଓ ସୁଚରିତା ମୁଗ୍ରୀ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବ୍ଲକ ଅଧକ୍ଷା କୁନି ସାହୁ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ସହ ସରକାରୀ ଓକିଲ ନିରଞ୍ଜନ ନନ୍ଦ, ପୂର୍ବତନ ସରପଞ୍ଚ ଏସ. ସାହୁ, ଆଇନଜୀବୀ ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଅଞ୍ଚଳରେ ଥିବା ଅନ୍ୟ କେତେକ ସମସ୍ୟାର ସମାଧାନ ଦିଗରେ ବିଧାୟକ ସିଂ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ବିଧାୟକଙ୍କ ଉଦ୍ୟମରେ ସରକାର ପୂରଣ କରିଥିବାରୁ ବିଧାୟକଙ୍କୁ ଜନ ସାଧାରଣ କୃତଜ୍ଞତା ଜଣାଇଥିଲେ। ଅନ୍ୟପକ୍ଷରେ ଉପ କୋଷାଗାର ଖୋଲିବା ଦିଗରେ ସରକାର ପଦକ୍ଷେପ ନେବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶେଷରେ ଆଇନଜୀବୀ ଦଶରଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ପ୍ରଥମ ଦିନରେ ୨୪ ଜଣଙ୍କ ଜମି ରେଜିଷ୍ଟ୍ରି ହୋଇଥିଲା।

### ପୂର୍ବତନ କାଉନସିଲର ଅଖଣ୍ଡ ସେଠ୍‌ଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୫।୪:** ବଲାଙ୍ଗୀର କଂଗ୍ରେସର ଜଣେ ଜଣାଶୁଣା ଯୁବନେତା ତଥା ପୂର୍ବତନ କାଉସିଲର ଅଖଣ୍ଡ ସେଠ୍ (୪୨)ଙ୍କ ପରଲୋକ ହୋଇଯାଇଛି। କିଛିଦିନ ତଳେ ସେ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ରାତିରେ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ପ୍ରଥମେ ଭୀମ ଭୋଇ ମେଡିକାଲ ଓ ପରେ ବୁର୍ଲା ନିଆଯିବା ବାଟରେ ମୃତ୍ୟୁ ହୋଇଯାଇଥିଲା। ବୁଧବାର ବଲାଙ୍ଗୀର ଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଜଣେ ପରୋପକାରୀ, ସେବାକାରୀ ଓ ମିଷ୍ଟଭାଷୀ ଉଦୟୀମାନ ଯୁବନେତା ଭାବେ ସେ ପରିଚିତ ଥିଲେ। ପୂର୍ବରୁ ସେ ବଲାଙ୍ଗୀର ମ୍ୟୁନିସିପାଲିଟିର ୧୬ ନମ୍ବର ୱାର୍ଡର କାଉନସିଲର ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ପିସିସି ସଭାପତି ଶରତ ପଟ୍ଟନାୟକ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ପୂର୍ବତନ ବିଧାୟକ ରାଧାକାନ୍ତ ପଣ୍ଡା, ଏଆଇସିସି ସଦସ୍ୟ ବିଧୁଭୂଷଣ ତ୍ରିପାଠୀ ଗଭୀର ଶୋକବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।


ପୂର୍ବତନ କାଉନସିଲର ଅଖଣ୍ଡ ସେଠ୍।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ କୋର୍ଟ ଚାଲାଣ

**ଲାଞ୍ଜିଗଡ,୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ମୋହନ ହରିଜନ (୩୦)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ନାବାଳିକା ନାଳକୁ ଗାଧୋଇବା ପାଇଁ ଯାଉଥିବା ବେଳେ ମୋହନ ତାଙ୍କୁ ଉଠାଇ ନେଇ ବଳାତ୍କାର କରିଥିଲେ। ଏନେଇ ଝିଅର ମା' ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି।

## ଚୋରି ବାଇକ୍‌କୁ ସ୍କ୍ରାପ୍ କରି ଚାଲାଣ କରୁଥିବା ଅଭିଯୋଗ: ଅଭିଯୁକ୍ତ କୋର୍ଟ ଚାଲାଣ

**ଜୁନାଗଡ଼,୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରର ଗନ୍ତାୟତ ପଡାରେ ଥିବା ରାଜୁ ଅଲ୍ଲୀ ନାମକ ସ୍କ୍ରାପ୍ ବ୍ୟବସାୟୀ ଚୋରି ମୋଟର ସାଇକେଲକୁ କାଟି ବାହାରକୁ ବିକ୍ରି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ତାଙ୍କୁ ମଙ୍ଗଳବାର ଗିରଫ କରିଥିଲା। ସେ ଗ୍ୟାସ କଟର ସାହାଯ୍ୟରେ ଇଞ୍ଜିନ, ବଡି ଓ ଅନ୍ୟସବୁ ଅଂଶକୁ କାଟି ରଖିଥିବା ଜଣାପଡିବା ସହ ତାଙ୍କ ନିକଟରୁ ୮ଏମ୍ପି, ୧୫ ଇଞ୍ଜିନ, ୩୨ ସାଇଲେନ୍ସର ପାଇପ, ହାଇଓଏ ଡିଭାଇଡ଼ର, ମୋଟର ପମ୍ପ ଜବତ କରାଯାଇଛି। ଜୁନାଗଡ଼ ଥାନାରେ ଏକ ମାମଲା ରୁଜୁ ହେବା ସହ ପୋଲିସ ଅଭିଯୁକ୍ତ ରାଜୁଙ୍କୁ ସ୍ଥାନୀୟ କୋର୍ଟ ଚାଲାଣ କରିଥିଲା।

## ପାନୀୟ ଜଳ ପ୍ରକଳ୍ପର ଭୂମିପୂଜନ


ମନ୍ତ୍ରୀ ଟୁକୁନୀ ସାହୁ ଭାଟିପଡାଠାରେ ପାନୀୟ ଜଳ ପ୍ରକଳ୍ପର ଭୂମି ପୂଜନ କରୁଛନ୍ତି।

**ଟିଟିଲାଗଡ଼, ୫।୪(ଡି.ଏନ.ଏ)**

ରାଜ୍ୟ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବୁଧବାର ଟିଟିଲାଗଡ ବ୍ଲକ ଜଗୁଆ ପଞ୍ଚାୟତ ଅନ୍ତର୍ଗତ ଭାଟିପଡାଠାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭୂମୀ ପୂଜନ କରିଛନ୍ତି। ସ୍ଥାନୀୟ ପାଓମେକ୍ସ ଗ୍ରାଫାଇଟ ଇଣ୍ଡଷ୍ଟ୍ରିଜରୁ ଗ୍ରାମକୁ ପାଇପ ସଂଯୋଗ ସହ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ଏହି ଅବସରରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନୀ ପ୍ରଧାନ, ଆରଡବ୍ଲୁଏସଏସ ସହକାରୀ ନିର୍ବାହୀ ଯନ୍ତ୍ରୀ ଓମପ୍ରକାଶ ଦେହୁରୀ, କନିଷ୍ଠ ଯନ୍ତ୍ରୀ କ୍ଷିରୋଦ୍ର ପ୍ରସାଦ ରାଉତ, ବୃନ୍ଦାବନ ମେହେର, ଆଇନଜୀବୀ କିଶୋର ସାହୁ, ସ୍ଥାନୀୟ ସରପଞ୍ଚ ମୀନା ସାହୁ, ସମିତି ସଭ୍ୟ ପବନ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ କୁଶକେଲା ପଞ୍ଚାୟତ ଅନ୍ତର୍ଗତ ଲିମପଡାଠାରେ ୧୬୩.୮୭ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଓଭରହେଡ ଟାଙ୍କିର ଶିଳାନ୍ୟାସ କରିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପୁଷ୍ପା ମହାନନ୍ଦ, ସମିତି ସଭ୍ୟ ବେଣୁ ମହାନନ୍ଦ, ବିଜୟ ବେହେରା, ବିକ୍ରମ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ବିନେକେଲାଠାରେ ନବନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହା ସହ ବ୍ଲକର ଗ୍ରାମାଞ୍ଚଳରେ ପ୍ରଥମ ସରକାରି ହାଇସ୍କୁଲ ମାନ୍ୟତାପ୍ରାପ୍ତ ବିନେକେଲା ହାଇସ୍କୁଲରେ ଯୁକ୍ତ ଦୁଇ ପାଠ୍ୟକ୍ରମକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ।ଏନେଇ ପ୍ରଧାନଶିକ୍ଷକ ସୁରୁପ୍ରତାପ ପୁରୋହିତଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା।

## ଗାଁରେ ପହଞ୍ଚିଲା ଯବାନଙ୍କ ମରଶରୀର, ଶେଷକୃତ୍ୟ ସମ୍ପନ୍ନ

**ବେଲପଡା,୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ ବାଗଉଡା ଗାଁର ଯବାନ ପ୍ରତାପ ନିଆଲ (୩୨)ଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରତାପ ୧୨ବର୍ଷ ହେଲା ବିହାରରେ ଏସ୍‌ଏସ୍‌ବି ଯବାନ ଭାବରେ କାର୍ଯ୍ୟରତ ଥିଲେ। ସେ ଦୀର୍ଘଦିନ ହେଲା କ୍ୟାନସର ରୋଗରେ ପୀଡିତ ହୋଇ ପାଟଣାର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୪ ତାରିଖ ସକାଳୁ ତାଙ୍କର ଦେହାନ୍ତ ହୋଇଥିଲା। ସେଠାରୁ ତାଙ୍କ ମରଶରୀର ରାୟପୁର ଅଣାଯିବା ପରେ ଏକ ସ୍ୱତନ୍ତ୍ର ଗାଡି ଯୋଗେ ବେଲପଡା ଅଣାଯାଇଥିଲା। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ଭ୍ରମଣ କରାଯାଇଥିଲା। ଏହି ସମୟରେ ବୀର ଯବାନ ପ୍ରତାପ ନିଆଲ ଅମର ରହେ ସ୍ଲୋଗାନରେ ଗ୍ରାମ ପ୍ରକମ୍ପିତ ହୋଇଥିଲା। ଗ୍ରାମ ନିକଟ ଶ୍ମଶାନରେ ଗାର୍ଡ ଅଫ ଅନର ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପ୍ରତାପଙ୍କ ସ୍ତ୍ରୀ ସହ ୨ ବର୍ଷର ପୁଅ ଅଛନ୍ତି। ବିବାହ ପରେ ସେ ପରିବାର ସହ ବିହାରରେ ରହୁଥିଲେ। ସ୍ଥାନୀୟ ଥାନାଧିକାରୀ ବୁଲୁ ମୁଣ୍ଡା, ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ଭିକ୍ଟୋର ସୋରେନ ଓ ଜିଲା ପରିଷଦ ସଭ୍ୟା ଅନିମା ଦାସ ପ୍ରମୁଖ ଗ୍ରାମରେ ପହଞ୍ଚି ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଥିଲେ।


ଯବାନଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

## ମା' ଡୋକାରୀ ଦେବୀଙ୍କ ଚୈତ୍ରଯାତ୍ରା

**କୋକସରା,୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ପଞ୍ଚାୟତ କାଶିବାହାଲ ଗ୍ରାମର ଆରାଧ ଦେବୀ ମା' ଡୋକରୀ ଦେବୀଙ୍କ ଚୈତ୍ର ଯାତ୍ରା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। କାଶିବାହାଲ ଗ୍ରାମ ନିକଟସ୍ଥ ଡୋକରୀ ପାହାଡ଼ ଶିଖରରେ ବିରାଜିତ ଦେବୀଙ୍କ ପୀଠରେ ଚୈତ୍ର ଯାତ୍ରା କେଉଁ ଆବାହମାନ କାଳରୁ ପାଳିତ ହୋଇଆସୁଛି। ମଙ୍ଗଳବାର ଏହି ଚୈତ୍ର ଯାତ୍ରା ପାଳନ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ପାହାଡ଼ ଶିଖର ଚଢି ମା'ଙ୍କ ଦର୍ଶନ କରିଛନ୍ତି। ଏହି ଚୈତ୍ର ପର୍ବରେ ମାନସିକଧାରୀମାନେ ଶୁକ୍ଳ ଭୋଗ ସହ ବୋଦା, କୁକୁଡ଼ା, ପାରା ବଳି ଦେଇଛନ୍ତି। ଗ୍ରାମ୍ୟ କମିଟିର ସଭାପତି କିଶୋର ନାଏକ, ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ସମିତି ସଭ୍ୟ ଗଜାନନ ନିଆଲ, ଯତୀନ୍ଦ୍ର ଦଳାଇ, କ୍ଷୀତିଶ ପଣ୍ଡା, କୃପାସିନ୍ଧୁ ନାଏକ, ଯୁବ ସାମାଜିକ କର୍ମୀ ରୁଦ୍ର ପ୍ରସାଦ ନାଏକ, ସଞ୍ଜୟ ସିଙ୍ଘଲ ଓ ଗ୍ରାମବାସୀ ଉପସ୍ଥିତ ରହି ଚୈତ୍ର ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।


ଡୋକାରୀ ଦେବୀଙ୍କ ପୀଠରେ ଚୈତ୍ର ଯାତ୍ରା ପାଳନ ଅବସରରେ ଶ୍ରଦ୍ଧାଳୁମାନେ।

## ପୋଷଣଯୁକ୍ତ ଖାଦ୍ୟ ଅଭ୍ୟାସ ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୫।୪**

ବଲାଙ୍ଗୀର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଜିଲାସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତବର୍ଷ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବେ ପାଳନ କରାଯାଉଥିବା ସୂଚନା ଦେଇଥିଲେ। ପାରମ୍ପାରିକ ଖାଦ୍ୟରେ ପ୍ରଚୁର ପୁଷ୍ଟି ଓ ଶରୀର ପାଇଁ ଉପଯୋଗୀ ପୋଷଣ ତତ୍ତ୍ୱ ଭରି ରହିଛି । ମାଣ୍ଡିଆ ସହ ସୁଆଁ, ଗୁର୍ଜି, କୁଦୋ ବାଜ୍ରା ଖାଦ୍ୟ ଏହିଭଳି ପୁଷ୍ଟି ସାଧନ କରୁଥିବା ଖାଦ୍ୟଶସ୍ୟର ଉପାଦେୟତା ସମ୍ପର୍କରେ ଜନସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡ଼. ସୁଧା ବାର୍ଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଷଣତତ୍ତ୍ୱ ଯୁକ୍ତ ଖାଦ୍ୟର ଉପାଦେୟତା ଓ ମାଣ୍ଡିଆ ଜାତୀୟ ଖାଦ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରମା ସେଠୀ ଜିଲା ସ୍ତରୀୟ ପୋଷଣ ପକ୍ଷ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ମାର୍ଚ୍ଚ ମାସ ୨୦ ତାରିଖଠାରୁ ଜିଲାର ସମସ୍ତ ବ୍ଲକ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସ୍ତରରେ ପୋଷଣ ପକ୍ଷ ପାଳିତ ହୋଇଛି। ପ୍ରକଳ୍ପସ୍ତରରେ ପୋଷଣ ପକ୍ଷ ପାଳନ ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଆଜି ଅନୁଷ୍ଠିତ ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସଭାରେ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଚିତାକୁରୁନା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଙ୍ଗନୱାଡି କର୍ମୀ ଅଇଁଲାବତୀ ନାଗଙ୍କୁ ନିରନ୍ତର ସେବା ପାଇଁ ଓ ବଙ୍ଗୋମୁଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଙ୍ଗନୱାଡି ସହାୟିକା ଉର୍ବଶୀ କବାଟଙ୍କୁ ଘରେ ଘରେ ପୋଷକଯୁକ୍ତ ଖାଦ୍ୟାଭ୍ୟାସକୁ ପ୍ରୋତ୍ସାହନ କରିବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଦେଓଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସେକ୍ଟର ସୁପରଭାଇଜର ମୀନତୀ ମିଶ୍ର, ଗୁଡଭେଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପ୍ରତିମା ଚୋପଦାର ଓ ଜିଲା ସ୍ତରରେ ଶୁଭଶ୍ରୀ ମିଶ୍ରଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ସଭାକୁ ମମତା ଜିଲା ପ୍ରୋଗ୍ରାମ ସଂଯୋଜକ ଶିବାନୀ ଠାକୁର ସଂଯୋଜନା କରିଥିଲେ। ସଭା ପରେ ସେଠାରେ ପୋଷଣଯୁକ୍ତ ଖାଦ୍ୟର ଉପାଦେୟତା ଓ ମିଲେଟ ମିଶନ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ଜିଲାର ବିଭିନ୍ନ ବ୍ଲକ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପୋଷଣଯୁକ୍ତ ଖାଦ୍ୟ ଓ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏନେଇ ଏକ ସଚେତନତା ଶୋଭାଯାତ୍ରା ମଧ୍ୟ ଆୟୋଜିତ ହୋଇଥିଲା।

**ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ**



ବଲାଙ୍ଗୀର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପୋଷଣ ପକ୍ଷ ସଭାର ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ବୈଠକ

**ବୌଦ୍ଧ,୫।୪(ସ୍ୱ.ପ୍ର.):** ଓଡିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ବୌଦ୍ଧ ଶାଖାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କର୍ମଚାରୀ ଭବନଠାରେ ଅଧକ୍ଷ ଦିଲୀପ କୁମାର ବିଶିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରାଜେନ୍ଦ୍ର କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ବୈଠକରେ ଚଳିତ ମାସ ଶେଷ ସୁଦ୍ଧା ସାଧାରଣ ପରିଷଦ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା। ପରିଚାଳନା ପାଇଁ ଏକ ନୂତନ ୧୨ ଜଣିଆ କମିଟି ଗଠନ କରାଯାଇଥିଲା। କମିଟିରେ ଅଧକ୍ଷ ଭାବେ ବିଶି, ସମ୍ପାଦକ ଭାବେ ମହାପାତ୍ର, ଜଗବନ୍ଧୁ ପାତ୍ର, ସଞ୍ଜୀବ ପଣ୍ଡା, ଶତୃଜିତ ମହାପାତ୍ର, ପ୍ରେମାନନ୍ଦ ମେହେର, ମହେଶ ସେଠୀ, ତାପସ ମିଶ୍ର, ଶମ୍ଭୁ ପ୍ରସାଦ ଗିରି, ବିରେନ ଦାସିଆ, ରାଜକିଶୋର ପଟ୍ଟନାୟକ, ଦିଲୀପ ପାତ୍ର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ, ଅମିନ ସଂଘ, ସୁପରଭାଇଜର ସଂଘ, ସରକାରୀ ମୋଟର ଚାଳକ ସଂଘ, ରାଜସ୍ୱ ଅମଲା ସଂଘ, ଲଗବରେଟୋରୀ ଟେକ୍‌ନିସିଆନ ସଂଘ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ, ବନ କର୍ମଚାରୀ ସଂଘ, ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ, ଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପସଭାପତି ଅଶୋକ ପରମଗୁରୁ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

### ମନ୍ଦିର ରତ୍ନମୁଦ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ,୫।୪(ସ୍ୱ.ପ୍ର.):** ବୌଦ୍ଧ ଜିଲାର ଅଧିଷ୍ଠାତ୍ରୀ ଦେବୀ ପୁରୁଣାକଟକସ୍ଥିତ ମା' ଭୈରବୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। କମିଟି ସଭାପତି ସୁରେନ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୨, ୨୩ ଓ ୨୪ ତାରିଖ ତିନିଦିନ ଧରି ହେବାକୁ ଥିବା ଉତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମ ଦିନ କଳସ ଶୋଭଯାତ୍ରା ଓ ବନଜାଗ ନୀତି, ଦ୍ୱିତୀୟ ଦିବସରେ ଅଖଣ୍ଡ ଯଜ୍ଞନାମ ଓ ରତ୍ନମୁଦ କାର୍ଯ୍ୟ ଆରମ୍ଭ, ତୃତୀୟ ଦିନରେ ନଗର କୀର୍ତ୍ତନ ସହ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ। ବୈଠକରେ କମିଟି ସମ୍ପାଦକ ସୁଶେଣ ପ୍ରଧାନ, ରସାନନ୍ଦ ସାହୁ, ସୁକାନ୍ତ ପଟ୍ଟନାୟକ, ରାମଚନ୍ଦ୍ର ସାହୁ, ସୁକାନ୍ତ ଦାସ, ସରୋଜ ପ୍ରଧାନଙ୍କ ସମେତ ଷୋଳଖଣ୍ଡ ମୌଜାର ବୁଦ୍ଧିଜୀବୀ ସାମିଲ ଥିଲେ।

### ସମବାୟ ସମିତି ପକ୍ଷରୁ ବୀମା ରାଶି ପ୍ରଦାନ

**ଭେଡ଼େନ,୫।୪ (ଡି.ଏନ.ଏ.):** ବରଗଡ ଜିଲା ଭେଡ଼େନ ସମବାୟ ସମିତି ତରଫରୁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୀମାରାଶି ପ୍ରଦାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ କ୍ଷେତ୍ର ଅଧିକାରୀ ଅରବିନ୍ଦ ସାହୁ, ଇଫକୋ ଆଞ୍ଚଳିକ ଅଧିକାରୀ ପ୍ରସିତ କୁମାର ପାଣିଗ୍ରାହୀ, ଭେଡ଼େନ ସରପଞ୍ଚ ଅକ୍ଷୟ ନାଏକ, ସମିତି ସମ୍ପାଦକ ଅଙ୍କୁର ପଧାନ, ସମିତି ସଭାପତି ହରିଶଙ୍କର ବେହେରା ଯୋଗଦାନ କରିଥିଲେ। ଏହି ଅବସରରେ ସାଲେପାଲି ଗ୍ରାମର ଚାଷୀ ହେମନ୍ତ ନାୟକ ସମିତିରୁ ଇଫକୋ ସାର ନେଇ ଚାଷ କରିଥିଲେ। ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଫଳରେ ଇଫକୋ ତରଫରୁ ସଙ୍କଟ ହରଣ ବୀମାରାଶି ବାବଦକୁ ୫୬ ହଜାର ଟଙ୍କା ତାଙ୍କ ସ୍ତ୍ରୀ ଜ୍ୟୋସ୍ନା ନାୟକଙ୍କୁ ପ୍ରଦାନ କରାଯାଇଥିଲା।

# ଭୂମିହୀନଙ୍କୁ ଚାଷଜମି ଓ ଘରଡିହ ଦାବି

**ବୌଦ୍ଧ,୫।୪(ସ୍ୱ.ପ୍ର.)**


ଅତିରିକ୍ତ ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି ପାଣ-ଗଣ୍ଡା ବିକାଶ ପରିଷଦ କର୍ମକର୍ତ୍ତା।

ବୌଦ୍ଧ ଜିଲା ପାଣ-ଗଣ୍ଡା ବିକାଶ ପରିଷଦ ପକ୍ଷରୁ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଅତିରିକ୍ତ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ପରିଷଦ ପକ୍ଷରୁ ଗତବର୍ଷ ଜୁଲାଇ ମାସରେ ଭୂମିହୀନଙ୍କୁ ୨ ଏକର ଚାଷ ଜମି, ୧୦ ଡେସିମିଲ ଘରଡିହ ଦାବିରେ ବୌଦ୍ଧ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ହେଲେ ଦାବି ପୂରଣ କରାଯାଇ ନ ଥିବାରୁ ସଂଗଠନ କର୍ମକର୍ତ୍ତା ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନାଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ଏପ୍ରିଲ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯିବାକୁ ଅତିରିକ୍ତ ତହସିଲଦାର ସୂଚନା ଦେଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଯଦି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଯାଏ ସଂଗଠନ ପକ୍ଷରୁ ଜିଲାର ସମସ୍ତ ଆର୍‌ଆଇ ଅଫିସ ଘେରାଉ କରାଯିବ ବୋଲି ସଂଗଠନର ସମ୍ପାଦକ ପ୍ରକାଶ କରିଛନ୍ତି। ବୈଠକରେ ସଂଘ ସଭାପତି ରୋହିତ କହଁର, ଉପସଭାପତି ମକରଧ୍ୱଜ ମହାନନ୍ଦିଆ, ଦଶରଥ ବେହେରା, କହ୍ନେଇ ବାଦୀ, ସେବତୀ ବେହେରା, ରାମଚନ୍ଦ୍ର ତାଣ୍ଡେ, ମହାଦେବ କଲତା ସାମିଲ ଥିଲେ।

# ୧୧ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

**ବୌଦ୍ଧ,୫।୪(ସ୍ୱ.ପ୍ର.)**

**ବନ କର୍ମଚାରୀଙ୍କ ଉପରକୁ ଗୁଳିମାଡ଼ ଘଟଣା**

ବୌଦ୍ଧ ବନଖଣ୍ଡ ବଘିଆପଡା ସେକ୍ସନର ଖଲିଆପାଲି ଛକଠାରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏସିଏଫ୍‌ଙ୍କ ଗାଡିକୁ ଗୁଳିମାଡ ହୋଇଥିଲା । ଏହି ଘଟଣାର ୮ଦିନ ପରେ ବି ଏହାର ରହସ୍ୟ ଉନ୍ମୋଚନ ହୋଇପାରି ନାହିଁ। ଗୁଳିକାଣ୍ଡରେ ଦୁଇଜଣ ବନ କର୍ମଚାରୀ ନୀଳାଞ୍ଚଳ ପ୍ରଧାନ ଓ ନବ କିଶୋର ସାହୁ ଗୁରୁତର ଆହତ ହୋଇଥିଲେ। ଏ ନେଇ ଏସିଏଫ୍ ଥାନାରେ ଅଭିଯୋଗ କରିଛନ୍ତି। ଗୁରୁତର ଆହତ ବନ କର୍ମଚାରୀ ସାହୁ ଦୁଇଜଣ ପୋଲିସ କର୍ମଚାରୀ ଗୁଳି କରିଥିବା ନେଇ ନାମ ଲଲ୍ଲେଖ କରି ଥାନାରେ ଏତଲା ଦେଇଛନ୍ତି। ଘଟଣାରେ ପୋଲିସ କର୍ମଚାରୀ ସମ୍ପୃକ୍ତ ଥିବା ନେଇ ଓଡ଼ିଶା ଅଣଗେଜେଟେଡ ବନ ସେବା ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ଅଭିଯୋଗ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଆସନ୍ତା ୧୧ ତାରିଖ ସୁଦ୍ଧା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଯଦି ବନ କର୍ମଚାରୀଙ୍କ ଅଭିଯୋଗ ସତ୍ୟ ହୁଏ ତା'ହେଲେ କାହା ନିର୍ଦ୍ଦେଶରେ ପୋଲିସ ବନ ବିଭାଗ ଗାଡି ଉପରକୁ ଗୁଳି ଚାଳନା କରିଥିଲା ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ରାଜ୍ୟ ସଂଘ ସଭାପତି ପାତ୍ରଙ୍କ ମତରେ ଉକ୍ତ ଘଟଣା ରାତିରେ ଚାରିଜଣ ପୋଲିସ କର୍ମଚାରୀଙ୍କ ସହିତ ବାରକୋଡାଠାରେ ବନ କର୍ମଚାରୀଙ୍କ ଭେଟ ହୋଇଥିଲା। ତା'ର କିଛି ସମୟ ପରେ ଏସିଏଫ୍‌ଙ୍କ ଗାଡିକୁ ଗୁଳିମାଡ଼ ହୋଇଥିଲା। ଆହତ ବନ କର୍ମଚାରୀ ସାହୁ ଦୁଇ ଜଣ ପୋଲିସ କର୍ମଚାରୀଙ୍କ ନାମରେ ଥାନାରେ ଅଭିଯୋଗ କରିଥିବା ବେଳେ ଆଉ ଦୁଇଜଣ ପୋଲିସ କର୍ମଚାରୀ କିଏ ତାକୁ ନେଇ ଆଲୋଚନା ଚାଲିଛି। ଏହି ଘଟଣାର ତଦନ୍ତ ଚାଲିଥିବା ପୋଲିସ କହୁଥିବା ବେଳେ ଲୋକେ ପ୍ରକୃତ ଦୋଷୀ କିଏ ଜାଣିବାକୁ ଅପେକ୍ଷା କରିବସିଛନ୍ତି।

# ଜି-୨୦ ସମ୍ବନ୍ଧୀୟ ଜନଭାଗୀଦାରି କାର୍ଯ୍ୟକ୍ରମ


ଜନଭାଗୀଦାରି କାର୍ଯ୍ୟକ୍ରମରେ ଶିକ୍ଷକ ଓ ଛାତ୍ରୀଛାତ୍ର।

**ପାଇକମାଲ, ୫।୪(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ଜବାହର ନବୋଦୟ ବିଦ୍ୟାଳୟରେ ଅନ୍ତଃରାଷ୍ଟ୍ରୀୟ ଆର୍ଥିକ ସଂଗଠନ ନିର୍ଦ୍ଦେଶାନୁସାରେ ଜନଭାଗୀଦାରି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରବନ୍ଧ ଲିଖନ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ବିଦ୍ୟାଳୟର ୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ବିଦ୍ୟାଳୟର ୮୦ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ଲିଖନ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ପରିଚାଳନା ପାଇଁ ଜଗଦୀଶ ପାତ୍ର, ଉମେଶ ଚନ୍ଦ୍ର ଝାଙ୍କର, ସଙ୍ଗୀତା ମେହେତା, ସନ୍ତୋଷ କୁମାର ଓ ମନୋଜ କୁମାର ବେହେରା ସହାୟତା କରିଥିଲେ। ବୁଧବାର ପୂର୍ବାହ୍ନ ୧୧ଟା ବେଳେ ବିଦ୍ୟାଳୟର ଅନ୍ତେବାସୀଙ୍କ ମଧ୍ୟରେ ଆନ୍ତଃସଦନୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ନିମନ୍ତେ ଚୟନ କରାଯାଇଥିବା ସମସ୍ତ ପ୍ରଶ୍ନ ଜି-୨୦ ସମ୍ମିଳନୀରେ ଭାରତର ଅଧକ୍ଷତା ଓ ଭାଗିଦାରୀ କାର୍ଯ୍ୟ ସମୂହକୁ ପାଥେୟ କରି ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟର ସ୍ନାତକୋତ୍ତର ଇଂଲିଶ ଶିକ୍ଷକ ଜଗଦୀଶ ପାତ୍ର, ସ୍ନାତକୋତ୍ତର ଗଣିତ ଶିକ୍ଷକ ଉମେଶ ଚନ୍ଦ୍ର ଝାଙ୍କର ଏବଂ ଗ୍ରନ୍ଥାଗାରିକ ମଳୟ କୁମାର ବିଶାଳଙ୍କର ପ୍ରେରଣା ଓ ପ୍ରୋତ୍ସାହନ ଲାଭ କରି ଅନ୍ତେବାସୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ରକ୍ତଦାନ ଶିବିର: ୩୧ୟୁନିଟ୍ ରକ୍ତ ସଂଗ୍ରହ

**ବରପାଲି, ୫।୪(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ମହଦା ଗ୍ରାମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିକରକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଟଲି ବିଧାୟକ ସୁଶାନ୍ତ ସିଂ ଉଦ୍‌ଘାଟନ କରିଥିଲେ। ଶିବିର ଆଗଲପୁର ପାକ୍ସ ସଭାପତି ବିରୋସନ ସାହୁଙ୍କ ଜନ୍ମ ଦିନ ଅବସରରେ ଜୀବନ ବିନ୍ଦୁ ମୋ ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଜୀବନ ବିନ୍ଦୁ ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର, ବରିଷ୍ଠ ବିଜେଡି ନେତା ଲାଲ ବିକ୍ରମ ସିଂଦେଓ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଅକ୍ଷୟ ଗଡ଼ତିଆ, ଜିଲା ପରିଷଦ ସଭ୍ୟ ଅନନ୍ତ ସେଠ,ବିଜୁ କୃଷକ ମୋର୍ଚ୍ଚା ସଭାପତି ତରଣୀ ଦେବତା ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ୩୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅତିଥିମାନେ ରକ୍ତ ଦାତାମାନଙ୍କୁ ମାନପତ୍ର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# କାଠଖୁଣ୍ଟରେ ବିଦ୍ୟୁତ୍ ଯୋଗାଣ


କାଠ ଖୁଣ୍ଟରେ ବିଦ୍ୟୁତ୍ ଯୋଗାଣ କରାଯାଇଛି।

**ଅମରପାଲି,୫।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟିକିରାପଡାଠାରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଯୋଗାଣ ହେଉଛି। ଏଠାରେ ବିଦ୍ୟୁତ୍ ପୋଲ ବଦଳରେ କାଠ ଖୁଣ୍ଟରେ ବନ୍ଧା ଯାଇଛି ତାର। ଯେଉଁ ସ୍ଥାନରେ ତାର କାଠ ଖୁଣ୍ଟରେ ଟଣା ଯାଇଛି ସେହି ବାଟ ଦେଇ ପ୍ରତ୍ୟହ ଲୋକେ ଯିବା ଆସିବା କରନ୍ତି। ଏପରିକି ଜନବସତି ଭିତରେ ଥିବାରୁ ତାର ତଳେ ଛୋଟ ପିଲାମାନେ ଖେଳାବୁଲା କରନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ବିଭାଗ ଚୁପ୍ ରହିଛି। ବିଦ୍ୟୁତ ସବଷ୍ଟେସନ ଠାରୁ ମାତ୍ର ୫ଶହ ମିଟର ଦୂରରେ ଏପରି ବେପରୁଆ ଭାବେ ବିଦ୍ୟୁତ ଯୋଗାଣ ହେଉଥିଲେ ମଧ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ତତ୍କାଳ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

# ବିନିକା ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା


ବୈଠକରେ ଉପସ୍ଥିତ ବିନିକା ବ୍ରାହ୍ମଣ ସମାଜ କର୍ମକର୍ତ୍ତା।

**ବିନିକା,୫।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟରେ ଅନ୍ତଃରାଷ୍ଟ୍ରୀୟ ବ୍ରାହ୍ମଣ ସଂଗଠନ ତରଫରୁ ବୁଧବାର ଏକ ବୈଠକ ଆର୍ତ୍ତତ୍ରାଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ପାଟଣାଗଡର ବିକ୍ରମ ଆଚାର୍ଯ୍ୟ, ମୁଖ୍ୟବକ୍ତାଭାବେ କଳ୍ପନା ମିଶ୍ର, ଜିଲା ସଭାପତି ଆଦିକନ୍ଦ ବାବୁ, ଉମ୍ବରୁଧର ପାଣିଗ୍ରାହୀ, ଧର୍ମନିରଞ୍ଜନ ପଣ୍ଡା, ରାଜ୍ୟ ସମ୍ପାଦକ ଚାପଧାରୀ ହୋତା, ଗୀତା ଜୟନ୍ତୀ କମିଟି ସଭାପତି ସୌମିତ୍ରୀ ପତି ଅତିଥି ଭାବେ ଯୋଗଦେଇ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସମସ୍ତଙ୍କ ପ୍ରସ୍ତାବକ୍ରମେ ବିନିକା ଶାଖାର ନୂତନ କମିଟି ଗଠନ ହୋଇଥିଲା। ସଭାପତିଭାବେ ସନ୍ତୋଷ କୁମାର ପଣ୍ଡା, ଉପସଭାପତି ସାନୁଜିତ ବଡ଼ପଣ୍ଡା, ସମ୍ପାଦକ ହୃଷୀକେଶ ହୋତା, ସହସମ୍ପାଦକ ପ୍ରେମରାଜ ପତି, କୋଷାଧକ୍ଷ ନିରଞ୍ଜନ ପଣ୍ଡା ମନୋନୀତ ହୋଇଛନ୍ତି। ସଦସ୍ୟ ଭାବେ ହିମାଂଶୁ ଭୂଷଣ ପଣ୍ଡା, ଅଜିତ ଦାଶ, ପ୍ରଶାନ୍ତ ପୂଜାହାରୀ, ଆର୍ତ୍ତତ୍ରାଣ ପଣ୍ଡା, ସୌମିତ୍ରୀ ପତି, ପ୍ରମୋଦ ପଣ୍ଡା, ଗୋପାଳଜି ହୋତା, ପ୍ରମୋଦ ଦାଶ, ମନମୋହନ ତ୍ରିପାଠୀ, କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ, ସୁରେଶ ପୂଜାରୀ, ଶଶୀଭୂଷଣ ଶତପଥୀ, ଦୀନବନ୍ଧୁ ନାୟକ, ଆର୍ତ୍ତତ୍ରାଣ ନାୟକ, ଧର୍ମରାଜ ପଣ୍ଡା, ଆର୍ତ୍ତତ୍ରାଣ ବାବୁ, ପ୍ରେମାନନ୍ଦ ନାୟକ ରହିଛନ୍ତି ।

# ଗବେଷଣା ପାଇଁ କଠୋର ପରିଶ୍ରମ ଲୋଡ଼ା

**ଅମରପାଲି,୫।୪(ଡି.ଏନ.ଏ)**



ଇତିହାସ ବିଭାଗ ଅଧାପିକା ଡ.ବନ୍ଦିତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବୀରମହାରାଜପୁର ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା**

ଗବେଷଣା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ସଫଳ ଗବେଷଣା ପାଇଁ କଠୋର ପରିଶ୍ରମ ସହିତ ଆନ୍ତରିକ ଉଦ୍ୟମ ଏକାନ୍ତ ଆବଶ୍ୟକ। ତେଣୁ ଗବେଷକମାନେ ସମସ୍ତ ଭୋଗ ବିଳାସରୁ ଦୂରେଇ ରହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ନିକଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ପ୍ରାପ୍ତ କରିଥିବା ଡ. ବନ୍ଦିତା ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନିମନ୍ତ୍ରିତ ଅତିଥିମାନେ ଉକ୍ତ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ କଲେଜର ଅଧକ୍ଷ ସୁଦାମ ଚରଣ ସାହୁ ସଭାପତିତ୍ୱ କରିଥିଲେ। ପ୍ରାଧାପିକା ଗୀତାଞ୍ଜଳି ପୁଜାହାରୀ ମୁଖ୍ୟ ଅତିଥି ଏବଂ ଅଧାପକ ସତ୍ୟନାରାୟଣ ଦାଶ, ଡ. ଶିଶିର ବଣିଆ,ଅଧାପକ ନରେନ୍ଦ୍ର ଝା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗ ମୁଖ୍ୟ ଡ.ହିମାଂଶୁ ଶେଖର ପାଢ଼ୀ, ବରିଷ୍ଠ କିରାଣୀ ବିପିନ ବିହାରୀ ଖମାରୀ ଓ ଗୌରାଙ୍ଗ ଜଗଦଲା, ପୂର୍ବତନ ଛାତ୍ର ଗଦାଧର ପଧାନ, ସ୍ମିତାରାଣୀ ମହାକୁର, ପିଙ୍କୁ ପଧାନ, ସୁଧୀର ହୋତା ପ୍ରମୁଖ ଡ. ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଜୟ କୁମାର ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ପାଢ଼ୀ ସଭା ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଷଣ୍ଢ ମୃତ

**ଅମରପାଲି, ୫।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତର ନୂଆପଡା ଛକଠାରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମରର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ଷଣ୍ଢର ମୃତ୍ୟୁ ଘଟିଛି। ନୂଆପଡା ଛକ ନିକଟରେ ଥିବା ଟ୍ରାନ୍ସଫର୍ମର ଦୀର୍ଘ ଦିନ ହେଲା ମୁକୁଳା ପଡିଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଉକ୍ତ ଷଣ୍ଢର ର ଜୀବନ ଯାଇଛି ବୋଲି ଅଭିଯୋଗ ହୋଇଛି। ଅଞ୍ଚଳର କେତେକ ସ୍ଥାନରେ ବିଦ୍ୟୁତ୍ ତାର ଓହଳି ରହିଛି ତ ଆଉ କେଉଁଠି ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଜନସାଧାରଣଙ୍କ ଅଭିଯୋଗ ସତ୍ତ୍ୱେ ବିଭାଗ ଏ ଦିଗରେ ତତ୍ପରତା ପ୍ରକାଶ କରୁ ନ ଥିବାରୁ ଏଭଳି ଅଘଟଣ ବାରମ୍ବାର ଘଟି ଚାଲିଛି।

# ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀ ମହାଯଜ୍ଞ

**ସୋନପୁର,୫।୪(ନି.ପ୍ର )**


ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀ ମହା ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଉଛି।

ବିଶ୍ୱର କଲ୍ୟାଣ ଓ ସୁବର୍ଣ୍ଣପୁର ଜିଲାର ବିକାଶ ପାଇଁ ଅଧିଷ୍ଠାତ୍ରୀ ଦେବୀ ମା'ସୁରେଶ୍ୱରୀଙ୍କ ପୀଠରେ ଶତାଧିକ ବ୍ରାହ୍ମଣ ସେବା, ଦୁର୍ଗା ଦାତ୍ରୀଂଶ ନାମ ଶାଳା ପଠନ ଓ ଚଣ୍ଡୀ ମହା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ମାସର ପ୍ରତିମଙ୍ଗଳବାର ଚଣ୍ଡୀ ମହାଯଜ୍ଞ ଆୟୋଜିତ ହୋଇଥିଲା। ବୁଧବାର ପୂର୍ଣ୍ଣମୀ ଅବସରରେ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା । ମା'ଙ୍କ ପରମଭକ୍ତ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କ ପ୍ରେରଣାରେ ଏହି ଯଜ୍ଞ ପବିତ୍ର ଚୈତ୍ର ଶୁକ୍ଳ ପକ୍ଷ ହିନ୍ଦୁ ନବବର୍ଷ ଦିନ ଆରମ୍ଭ ହୋଇଥିଲା। ଏହି ଯଜ୍ଞ ଶ୍ରୀବତ୍ସ ମଲ୍ଲିକ, ସତ୍ୟ ନାରାୟଣ ତ୍ରିପାଠୀ ଓ ରଶ୍ମି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ପ୍ରଦୀପ ପୁରୋହିତ, ମନୋରଞ୍ଜନ ତ୍ରିପାଠୀ, ଲଡୁ କିଶୋର ମଲ୍ଲିକ ଓ ଲକ୍ଷ୍ମୀ ଥାନାପତି ପ୍ରମୁଖ ସହଯୋଗ କରିଥିଲେ। କର୍ତ୍ତାଭାବେ ବୈକୁଣ୍ଠ ଶତପଥୀ ମା'ଙ୍କ ସେବା ଦାୟିତ୍ୱ ନିର୍ବାହ କରିଥିଲେ। ସହ କର୍ତ୍ତାଭାବେ ଅଟଳ ମହାପାତ୍ର, ରବି ନାରାୟଣ ମହାପାତ୍ର, ଆଶିଷ ମିଶ୍ର ଓ ମାନଭଞ୍ଜନ ବେଦବାକ ସହଯୋଗ କରିଥିଲେ। ମୁଖ୍ୟ ପୂଜକ କାଳୀ ଚରଣ ମିଶ୍ର, ସହଯୋଗୀ ପୂଜକ ରାଧେଶ୍ୟାମ ପୁରୋହିତ, ଶିବ ନାରାୟଣ ପୂଜାରୀ, ଚନ୍ଦନ ମିଶ୍ର, ମିଳନ ମିଶ୍ର, ମଧୁ ଦାଶ ପ୍ରମୁଖ ଚଣ୍ଡୀ ମହାଯଜ୍ଞ ଓ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ । ଏହି ଯଜ୍ଞରେ ପ୍ରତ୍ୟହ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ଼ ପ୍ରିୟଦର୍ଶନୀ ମିଶ୍ରଙ୍କ ସମେତ ଅନେକ ପ୍ରଶାସନିକ ପଦାଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଏହି ଯଜ୍ଞରେ ସାମିଲ ହୋଇ ବିଭୁ କୃପା ଲାଭ କରିଥିଲେ।

# ଭୀମ ଭୋଇଙ୍କ ପୀଠକୁ ଜାତୀୟ ସ୍ମାରକୀ ଘୋଷଣା ଦାବି

**ସୋନପୁର,୫।୪(ନି. ପ୍ର )**

ସୁବର୍ଣ୍ଣପୁର ଜିଲା ଖଲିଆପାଲି ସ୍ଥିତ ସନ୍ଥ କବି ଭୀମ ଭୋଇଙ୍କ ସିଦ୍ଧି ଓ ସାଧନା ପୀଠକୁ ଜାତୀୟ ସ୍ମାରକୀ ଘୋଷଣା ପାଇଁ ଦାବି ହୋଇଛି। ସେହିଭଳି ପୀଠ ନିକଟରେ ଏକ ଗବେଷଣାକେନ୍ଦ୍ର ପ୍ରତିଷ୍ଠା ଓ ସୁବର୍ଣ୍ଣପୁର ଜିଲାକୁ ବୀରମହାରାଜପୁର ଦେଇ ଦ୍ୱିତୀୟ ରେଳପଥ ସକାଶେ ଦାବି କରାଯାଇଛି। ସୁବର୍ଣ୍ଣପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏ ସମ୍ପର୍କରେ ଚିଠି ଲେଖାଯାଇଛି। ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲେ ସନ୍ଥକବି ଭୀମଭୋଇଙ୍କ ବିଷୟରେ ବିଶ୍ୱବିଦ୍ୟାଳୟର ଛାତ୍ରୀ ଛାତ୍ର ମାନେ ଅଧ୍ୟୟନ କରିବାକୁ ସୁଯୋଗ ପାଇବେ। ଯଦ୍ୱାରା ଏହି ସନ୍ଥ କବିଙ୍କ ବାଣୀ ଯୁବସମାଜଙ୍କୁ ଆଗକୁ ବଢିବାକୁ ଏକ ପ୍ରେରଣାଦାୟକ ହେବ। ଯାହାକି ବର୍ତ୍ତମାନର ଅବକ୍ଷୟମୁଖି ସମାଜ ସକାଶେ ଆବଶ୍ୟକତା ରହିଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ମନ୍ତ୍ରୀ ହେବା ପରେ ତାଙ୍କରି ପ୍ରଚେଷ୍ଟାରେ ବର୍ତ୍ତମାନ ସନ୍ଥକବି ଭୀମଭୋଇଙ୍କ ବାଣୀକୁ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରାଯାଇଛି । କବିଙ୍କ ବିଚାରଧାରକୁ ବିଶ୍ୱ ସ୍ତର ପର୍ଯ୍ୟନ୍ତ ଗୁଞ୍ଜରିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସଚେତନ ନାଗରିକ ମଞ୍ଚ କହିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାଧୁବାଦ ଜଣାଇବା ସହ ଜାତୀୟ ସ୍ମାରକୀ ଘୋଷଣା, ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଓ ସମ୍ବଲପୁର-ବ୍ରହ୍ମପୁର ଦ୍ୱିତୀୟ ରେଳପଥ ସୁବର୍ଣ୍ଣପୁର ଜିଲା ଦେଇ ନିର୍ମାଣ ସକାଶେ ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର ଚିଠି ମାଧ୍ୟମରେ ନିବେଦନ କରିଛନ୍ତି।


ଖଲିଆପାଲି ସ୍ଥିତ ଭୀମଭୋଇଙ୍କ ସିଦ୍ଧି ଓ ସାଧନା ପୀଠ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଶ୍ରବଣ ଶକ୍ତି ପରୀକ୍ଷା ଶିବିର

**କୁଚିଣ୍ଡା,୫।୪(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଶ୍ରବଣ ଶକ୍ତି ଜନିତ ସ୍ୱତନ୍ତ୍ର ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୪ଜଣ ହିତାଧିକାରୀ ଯୋଗ ଦେଇଥିଲେ। କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ବିଏସ୍‌ଏସ୍‌ଓ ଇଉଡି ଭୋଇ, ମିତାଲି ମିଶ୍ର, ଖୁଲଣା ଜୟପୁରିଆ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ପବ୍ଲିକ ଲାଇବ୍ରେରିରେ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୫।୪(ବ୍ୟୁରୋ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଓ ଯୁବତୀଯୁବକଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମ ଚୟନ ପରୀକ୍ଷା କିମ୍ବା ସାକ୍ଷାତକାର ପାଇଁ ପ୍ରସ୍ତୁତ ହେବାକୁ ଅଭିଜ୍ଞ ବ୍ୟକ୍ତିବିଶେଷ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡାପିଲାଙ୍କୁ ଇଂରାଜୀ ବିଷୟରେ ଅବଗତ କରି ଇଂରାଜୀ କଥନ ଶୈଳୀ ଓ ବାକ୍ୟଗଠନ ଉପରେ ଆଲୋଚନା କରିଥିଲେ। ଏଥିରେ ମୋଟ ୩୨ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପର୍ଯ୍ୟାୟକ୍ରମେ ଗଣିତ, ବିଜ୍ଞାନ, ଅର୍ଥନୀତି ତଥା ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କୁ ପିଲାଙ୍କ ସନ୍ଦେହମୋହନ ପାଇଁ ଯୋଡ଼ାଯିବାକୁ ଯୋଜନା ଥିବା ଲାଇବ୍ରେରୀ ତରଫରୁ ସୂଚନା ମିଳିଥିଲା। ଲାଇବ୍ରେରିଆନ କୁମାରୀ ସୁନନ୍ଦା ପ୍ରଧାନ ସଂଯୋଜନା କରିଥିଲେ।

### ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର,୫।୪(ବ୍ୟୁରୋ):** ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ଶାସନ ଚେକ୍‌ଗେଟରେ ବୁଧବାର ଚଢ଼ାଉ କରି ୩୦ କେଜି ଗଞ୍ଜେଇ ଜବତ କରିଛି। ଏହାସହ ବିହାରର ବବ୍‌ଲୁ ଲାଲ ଓ ପ୍ରିନ୍ସ ରାଜ ନାମକ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ବ୍ୟବହାର କରୁଥିବା ଗାଡି (ଡବ୍ଲୁବି୦୨ଜେଡ-୭୬୬୧) ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନେ ବଲାଙ୍ଗୀରରୁ ଝାଡ଼ଖଣ୍ଡ ରାଞ୍ଚିକୁ ଏହି ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ଗାଡି ଓ ଗଞ୍ଜେଇର ମୂଲ୍ୟ ୭ଲକ୍ଷ ଟଙ୍କା ହେବ।

### ଏପ୍ରିଲ ୨୫ରୁ ଭାଗବତ ସପ୍ତାହ

**ସମ୍ବଲପୁର,୫।୪(ବ୍ୟୁରୋ):** ଏପ୍ରିଲ ୨୫ରୁ ମେ ୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମହାନ୍ତିପଡ଼ାସ୍ଥିତ ଦଧିବାମନ କଲ୍ୟାଣ ମଣ୍ଡପଠାରେ ଶ୍ରୀମଦ୍ ଭାଗବତ ସପ୍ତାହ ଅନୁଷ୍ଠିତ ହେବ। ଏଥିରେ ବୃନ୍ଦାବନ ନିବାସୀ ମହାମଣ୍ଡଳେଶ୍ୱର ଶ୍ରୀ ମହନ୍ତ ସଚ୍ଚିଦାନନ୍ଦ ଦାସ ଶାସ୍ତ୍ରୀ ଯୋଗ ଦେବେ। ପ୍ରତ୍ୟହ ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ହେବ। ଏଥିପାଇଁ ଜଣେ ମୁଖ୍ୟ କର୍ତ୍ତା ତଥା ପ୍ରତ୍ୟେକ ଦିନ ପାଇଁ ଜଣେ ଲେଖାଏ ଏପରି ୭ ଜଣ କର୍ତ୍ତା ରହିବେ। ଏହି ଭବ୍ୟ ଆଧାତ୍ମିକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବୁଧବାର ପୂର୍ବତନ ରାଜ୍ୟ ସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ହେମନ୍ତ କୁମାର ମହାପାତ୍ର, ସୁକାନ୍ତ ବହିଦାର, ଆର୍ତ୍ତତ୍ରାଣ ପଟ୍ଟନାୟକ, ଭୋଳାରାମ ଟିବ୍ରେୱାଲ, ଶ୍ରୀକାନ୍ତ ପାଣିଗ୍ରାହୀ ଓ ପାର୍ଥସାରଥି ଦାନି ପ୍ରମୁଖ ଉପସ୍ଥିତ ଥିଲେ।

### ହିଣ୍ଡାଲ୍‌କୋ ପକ୍ଷରୁ ସିଲେଇକେନ୍ଦ୍ର ଉଦ୍‌ଘାଟିତ

**ସମ୍ବଲପୁର,୫।୪(ବ୍ୟୁରୋ):** ହୀରାକୁଦ ହିଣ୍ଡାଲ୍‌କୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ନୂତନ ସିଲାଇ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଓର୍‌ମାସ ସଂଯୋଜକ ଶ୍ରୀମନ୍ତ ହୋତା, ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକ, ସହ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ, ସ୍ମେଲଟର ଆଇଆର୍ ମୁଖ୍ୟ ପ୍ରବନ୍ଧକ ସତ୍ୟ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ପୂର୍ବରୁ ଅଞ୍ଚଳର ୬ ଶହରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସିଲାଇ ଶିକ୍ଷା ପ୍ରଦାନ କରିସାରିଛି। ସ୍ମେଲଟର ସତ୍ୟା ପ୍ରକାଶ ଦାସ ଉଦ୍‌ବୋଧନ ଦେଇ ଜନସାଧାରଣଙ୍କ ସହଯୋଗ ଓ ସିଏସ୍‌ଆର୍ ମାଧମରେ ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ ଆଗକୁ ଜାରି ରହିବ ବୋଲି କହିଥିଲେ। ସିଏସ୍‌ଆର୍ ବିଭାଗର ସୁକାନ୍ତ ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତୀ, ବିଘ୍ନେଶ୍ୱର ପଣ୍ଡା, ଜୟଶ୍ରୀ ରାଓ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୫-ଟି ସ୍କୁଲ ପରିସରରେ ପାଚେରି ନିର୍ମାଣ

ସମ୍ବଲପୁର,୫।୪(ବ୍ୟୁରୋ)

ସମ୍ବଲପୁର ମାନେଶ୍ୱର ୫-ଟି ସ୍କୁଲ ନିର୍ମାଣ କାମରେ ବାଧା ସୃଷ୍ଟି ହୋଇଛି। ସ୍କୁଲ ପରିସର ଖେଳ ପଡିଆରେ ଜନୈକ ବ୍ୟକ୍ତି ପାଚେରି ନିର୍ମାଣ କରିବାରୁ ରାସ୍ତା ବନ୍ଦ ହୋଇଯାଇଥିଲା। ଏହାକୁ ନେଇ ଦୁଇଦିନ ଧରି ଉତ୍ତେଜନା ଲାଗିରହିଥିଲା। ଶେଷରେ ଏହି ଖବର ପୋଲିସ ପାଖରେ ପହଞ୍ଚିଥିଲା। ସଦର ଥାନା ପୋଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଆସି କାମ ବନ୍ଦ କରିଥିଲା। ଏହାସହ ଜମି ବିବାଦ ସମାଧାନ ନ ହେବା ପର୍ଯ୍ୟନ୍ତ ନିର୍ମାଣ କାମ ବନ୍ଦ କରିବାକୁ ତାଗିଦ କରିଥିଲା। ଅନ୍ୟପଟେ ଘଟଣାକୁ ନେଇ ସ୍କୁଲ ପରିଚାଳନା କମିଟି ଓ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ ଏ ନେଇ ପୋଲିସ ସହିତ ମାନେଶ୍ୱର ତହସିଲଦାରଙ୍କୁ ମଧ୍ୟ ଅଭିଯୋଗ କରିଥିଲେ।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଉକ୍ତ ସ୍କୁଲ ସ୍କୁଲ ନିର୍ମାଣ ପାଇଁ ପୂର୍ବରୁ ଜମି ଦାନ କରିଥିଲେ। ପ୍ରାୟ ୪୦ ବର୍ଷରୁ ଉର୍ଦ୍ଧ୍ୱ

**ଅଭିଯୋଗ ପରେ କାମ ବନ୍ଦ କଲା ପୋଲିସ**

ହେବ ସ୍କୁଲ ଚାଲିଆସୁଛି। ଗତବର୍ଷ ଏହାକୁ ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ସାମିଲ କରାଯାଇ ରୂପାନ୍ତରୀକରଣ କରାଯାଉଛି। ଦୁଇଦିନ ତଳେ ମାନେଶ୍ୱର ତହସିଲ ଅଧିକାରୀ ଓ କର୍ମଚାରୀ ସ୍କୁଲକୁ ଆସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଦିନକ ପରେ ଜଣେ ବ୍ୟକ୍ତି ଏହା ତାଙ୍କର ରୟତି ଜମି କହି ପାଚେରି ନିର୍ମାଣ କାମ ଆରମ୍ଭ କରିଥିଲେ। ଏହା ଜାଣିବା ପରେ ତହସିଲଦାର ଓ ପୋଲିସ ପାଖରେ ଅଭିଯୋଗ କରାଯାଇଥିଲା। ତହସିଲ ଅଫିସରୁ ଉକ୍ତ ଜମିର ନକଲ ଆଣିବା ପରେ ଅନେକ ତଥ୍ୟ ସାମନାକୁ ଆସିଥିଲା। ୨୦୧୫ରେ ଚକ୍ରାନ୍ତ କରି ଜଣେ ବ୍ୟକ୍ତି ଜମି ନିଜ ନାମରେ କରିଦେବାକୁ ଯୋଜନା କରିଛନ୍ତି। ଏହି ସମୟରେ ମାନେଶ୍ୱର ଆର୍‌ଆଇ ଦେଇଥିବା ବଂଶାବଳିରେ ମଧ୍ୟ ଚକ୍ରାନ୍ତ କରାଯାଇଛି। ପରିବାରର ସମସ୍ତଙ୍କ



ମାନେଶ୍ୱର ୫-ଟି ସ୍କୁଲ ପଡିଆରେ ପାଚେରି ନିର୍ମାଣ ।

ନାମ ଉଲ୍ଲେଖ କରାଯାଇ ନାହିଁ। ଜୀବତ ବ୍ୟକ୍ତିଙ୍କୁ ମୃତ ଦର୍ଶାଯାଇଛି। ଆପତ୍ତିବିହୀନ ବୋଲି ଉଲ୍ଲେଖ ରହିଛି। ଏପରି କି ଏବେ ଉକ୍ତ ଜମି ଆବେଦନକାରୀଙ୍କ ଦଖଲରେ ଥିବା ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତହସିଲ ଅଫିସର କେତେଜଣ କର୍ମଚାରୀ ଓ ସେ ସମୟରେ ଆର୍‌ଆଇ ଦେଇଥିବା ରିପୋର୍ଟରେ ବ୍ୟାପକ ଅନିୟମିତତା କରାଯାଇଛି। ସ୍କୁଲଟି ପାଚେରି ନିର୍ମାଣ କରି ପ୍ରାୟ ୬୦ବର୍ଷ ହେବ ଦଖଲ କରିଆସୁଛି। ହେଲେ କିଭଳି ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରାଗଲା ବୋଲି ଏବେ ମାନେଶ୍ୱର ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ସ୍କୁଲ ଉପରେ ଆଖପାଖ ୨୫ରୁ ଉର୍ଦ୍ଧ୍ୱ ଗ୍ରାମର ଛାତ୍ରୀଛାତ୍ର ନିର୍ଭର କରନ୍ତି। ଏବେ ଏହାକୁ ୫-ଟିରେ ସାମିଲ କରାଯାଇଛି। ଏଭଳି ପରିସ୍ଥିତିରେ କେତେଜଣ ଜମି ମାଫିଆ ଦାନ କରିଥିବା ପରିବାର ବର୍ଗଙ୍କୁ ପ୍ରଲୋଭନ ଦେଖାଇ ମୂଲ୍ୟବାନ ଜମି ହାତେଇବାକୁ ଉଦ୍ୟମ କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାନେଶ୍ୱର ତହସିଲଦାର ଅଜୟ ତିୱାରୀ କହିଛନ୍ତି, ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସ କାମ ବନ୍ଦ କରିଦେଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯିବ। ସାମୂହିକ ସ୍ୱାର୍ଥ ପାଇଁ ଆଇନସଙ୍ଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ, ଜନଜୀବନ ଅସ୍ତବ୍ୟସ୍ତ

ଜମନକିରା,୫।୪(ଡି.ଏନ.ଏ.)

ଜମନକିରା ବିଦ୍ୟୁତ୍ ସେକ୍ସନ ଅଧୀନ ବିଭିନ୍ନ ସ୍ଥାନରେ ବୁଧବାର ଦୀର୍ଘ ୭ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିଲା। ଏବେ ତାତି ବଢ଼ି ଚାଲିଥିବାବେଳେ ଲୋକେ ପିଇବା ପାଣି ତଥା ଅନ୍ୟ କାର୍ଯ୍ୟ ପାଇଁ ବିଦ୍ୟୁତ୍ ସେବା ଆବଶ୍ୟକ କରୁଛନ୍ତି। ଏପରିସ୍ଥଳେ ଆଘୋଷିତ ଭାବେ ବିଦ୍ୟୁତ୍ କାଟ ଲୋକଙ୍କୁ ଅସୁବିଧାରେ ପକାଇଥିଲା। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲି ନୀତିକୁ ଲୋକେ ତୀବ୍ର ନିନ୍ଦା କରିଛନ୍ତି। ଏ ସମ୍ପର୍କରେ ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଅଧିକାରୀ ସୁବ୍ରତ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଅସୁରକ୍ଷିତ ଅବସ୍ଥାରେ ଥିଲା। ଶୀଘ୍ର ମରାମତି ନ କଲେ ବେଶି ଅସୁବିଧା ହେଇଥାନ୍ତା। ତେବେ ଭବିଷ୍ୟତରେ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ବିଦ୍ୟୁତ୍ କଟାଯିବ ବୋଲି କହିଥିଲେ।

## ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ର ସଡ଼କ ସୁରକ୍ଷା ଅଭିଯାନ




ଠେଲକୋଲି ଥାନା ସମ୍ମୁଖରେ ସଡକ ସୁରକ୍ଷା ଅଭିଯାନ ।

ସମ୍ବଲପୁର,୫।୪(ବ୍ୟୁରୋ)

ସମ୍ବଲପୁର ଠେଲକୋଲିରେ ଥିବା ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ କମ୍ପାନୀ ଓ ଓଡ଼ିଶା ପୋଲିସ ପକ୍ଷରୁ ସଡକ ସୁରକ୍ଷା, ଟ୍ରାଫିକ ପରିଚାଳନା ଓ ସଫେଇ ଅଭିଯାନ ହୋଇଥିଲା। କମ୍ପାନୀ ସଭାପତି ଅନୀଳ କୁମାର ସିଂଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଆର୍‌ଟିଓ ରାମଦାସ ଟୁଡୁ, ଠେଲକୋଲି ଥାନା ଅଧିକାରୀ ବିଭୂତି ଭୂଷଣ ଦଳେଇ, କମ୍ପାନୀର ଗିରିଶ ନାଏକ, ଜେପି ସିଂ, ମନୋଜ ସିଂ, ଆଶୋକ ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ। କମ୍ପାନୀର ପ୍ରାୟ ୧ ହଜାର କର୍ମଚାରୀ ସାମିଲ ହୋଇଥିଲେ। ପ୍ରଥମେ କମ୍ପାନୀ ସମ୍ମୁଖ ମୁଖ୍ୟ ରାସ୍ତାକୁ ସଫେଇ କରାଯାଇଥିଲା। ସଡକ ସୁରକ୍ଷା ଓ ଟ୍ରାଫିକ ସମସ୍ୟା ନେଇ ସଚେତନ କରିଥିଲେ। କମ୍ପାନୀ ପକ୍ଷରୁ ଦୁର୍ଘଟଣା ରୋକିବା ପାଇଁ କମ୍ପାନୀ ଭିତରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ନିୟମକୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସେହିପରି ଆଖପାଖ ଗ୍ରାମରେ ସଚେତନତା ରାଲି କରାଯାଇଥିଲା। ଆଗକୁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ହନୁମାନ ଜୟନ୍ତୀ ପାଇଁ ଶାନ୍ତି କମିଟି ବୈଠକ

ସମ୍ବଲପୁର,୫।୪(ବ୍ୟୁରୋ)

ସମ୍ବଲପୁର ଜିଲାପରିଷଦ ସଭାକକ୍ଷରେ ହନୁମାନ ଜୟନ୍ତୀକୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସମେତ ବିଭିନ୍ନ ଧର୍ମ ଓ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ୧୪ ତାରିଖ ହେବାକୁ ଥିବା ହନୁମାନ ଜୟନ୍ତୀ କିଭଳି ଶାନ୍ତିଶୃଙ୍ଖଳାରେ ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। ଜୟନ୍ତି ଶୋଭାଯାତ୍ରାରେ ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା, ରାସ୍ତା ଘାଟ ସ୍ୱଚ୍ଛ, ପିଇବା ପାଣି, ପୋଲିସ ସୁରକ୍ଷା, ଅଗ୍ନିଶମ ବିଭାଗ ଆଦି ତତ୍ପର ରହିବା ପାଇଁ ଜିଲାପାଳ ଅନନ୍ୟା ଦାସ ନିର୍ଦ୍ଦେଶ ଦେଇଥିଲେ। ତେବେ ୧୨ ତାରିଖରେ ବିଶାଳ ବାଇକ୍ ରାଲି ହେବ। ଜୟନ୍ତୀରେ ଖଣ୍ଡାବୁଲା ପରମ୍ପରା ଥିଲେ ମଧ୍ୟ ପ୍ରଶାସନ ଅନୁମତି ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗୋଶାଳା ସହ ଏମ୍‌ଓୟୁ, ଆର୍ଥିକ ସହାୟତା ପ୍ରଦାନ

ସମ୍ବଲପୁର,୫।୪(ବ୍ୟୁରୋ)

ଜିଲାପାଳଙ୍କ ଅଫିସ ପରିସର ସମଗ୍ର ଶିକ୍ଷା ଅଭିଯାନ ସଭାଗୃହରେ ଜୀବେ ନିଷ୍ଠୁରତା ନିରୋଧ ସମିତ ସମ୍ବଲପୁର ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନନ୍ୟା ଦାସ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲାପରିଷଦ ରମେଶ ହାଁସଦା, ଡେପୁଟି କମିଶନର ସମ୍ବଲପୁର ମହାନଗର ନିଗମ ଶଙ୍କର ସାହୁଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶ୍ରୀକୃଷ୍ଣ ଗୋଶାଳା, ପୋତାପାଲି ଓ ହରିଓମ୍ ବାବା ଅନନ୍ତବନ ଗୋ-ମନ୍ଦିର ଗୋଶାଳା କଳାମାଟିଙ୍କୁ ଯଥାକ୍ରମେ ୧୭,୮୬,୧୦୦ ଓ ୨୬,୩୪,୦୦୦ ଟଙ୍କାର ରାଜ୍ୟ ଜୀବ ମଙ୍ଗଳ ସମିତ ପ୍ରଦତ୍ତ ଚେକ୍ ପ୍ରଦାନ କରାଯାଇଥିଲା। ଦୁଇଗୋଟି ଗୋଶାଳା ଦ୍ୱାରା ପ୍ରତିପାଳିତ ଅସହାୟ, ଅନାଥ ଗୋସମ୍ପଦର ପାଳନ ଓ ରକ୍ଷଣାବେକ୍ଷଣ ନିମନ୍ତେ ଦୁଇଗୋଟି ରାଜିନାମା ମଧ୍ୟ ସ୍ୱାକ୍ଷର ହୋଇଛି। ବର୍ତ୍ତମାନ ଶ୍ରୀକୃଷ୍ଣ ଗୋଶାଳା ଓ ହରିଓମ୍ ବାବା ଗୋଶାଳାରେ ଯଥାକ୍ରମେ ୫୫୬ ଏବଂ ୬୦୩ ଗୋଟି ଅସହାୟ ଗୋରୁ ପ୍ରତିପାଳିତ ହେଉଛନ୍ତି।

## କଲେଜରେ ଯୁକ୍ତ ୩ ବିଜ୍ଞାନ ପାଠ୍ୟକ୍ରମ ଦାବି

ସମ୍ବଲପୁର,୫।୪(ବ୍ୟୁରୋ)

ବୁର୍ଲା ଏନ୍‌ଏସି କଲେଜରେ ଯୁକ୍ତ ୩ ବିଜ୍ଞାନ ପାଠ୍ୟକ୍ରମ ଖୋଲିବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ତଫସିଲଭୁକ୍ତ ଜାତି ଉପଜାତି କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କର୍ମଚାରୀ ସଂଘ ସଭାପତି ନିହାଲ ସିଂଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭେଟିଥିଲେ। ସେମାନେ ଅଭିଯୋଗ କରିଥିଲେ, ବୁର୍ଲା ସହର ଏକ ଶିକ୍ଷା ନଗରୀ ଭାବେ ପରିଚିତ। ହେଲେ ଏନ୍‌ଏସି କଲେଜରେ ଆଜିପର୍ଯ୍ୟନ୍ତ ଯୁକ୍ତ ୩ ବିଜ୍ଞାନ ଖୋଲା ନ ଯିବା ଦୁଃଖର ବିଷୟ। ଏହା ଖୋଲାଗଲେ ବହୁସଂଖ୍ୟାରେ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।



ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ତେବେ ମନ୍ତ୍ରୀ ପୂଜାରୀ ଏ ନେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭାପତି ସିଂଙ୍କ ସମେତ ତଫସିଲଭୁକ୍ତ ଜାତି ଉପଜାତି କର୍ମଚାରୀ ସଂଘର ଉପସଭାପତି ଶିବଶଙ୍କର ପଧାନ ମଧ୍ୟ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରେଙ୍ଗାଲି,୫।୪(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ଚଉଳଡ଼ିପୋ ଗ୍ରାମ ଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ବୁଧବାର କଳସ ଯାତ୍ରା ସମାପନ ହୋଇଛି। ସକାଳେ ପ୍ରଥମେ ମନ୍ଦିରର କୁମ୍ଭ ସ୍ଥାପନ ପରେ ଅଙ୍କୁରା ରୋପଣ କରାଯାଇଥିଲା। ସନ୍ଧ୍ୟାରେ ସମସ୍ତ ରେଙ୍ଗାଲିବାସୀ ଏକତ୍ରିତ ହୋଇ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପଣ୍ଡିତ ମନୋଜ ଦେବତା ମୁଖ୍ୟ ପୂଜକ ଥିବାବେଳେ ରମେଶ ସାହୁ ମୁଖ୍ୟକର୍ତ୍ତା, ଦେବବ୍ରତ ପଣ୍ଡା, ମଧୁସୂଦନ ସାହୁ, ସତ୍ୟନାରାୟଣ ମହାଣା, ସନ୍ତୋଷ ମହାଣା, ପ୍ରଦୀପ ମହାଣା, ରାଜେଶ ବର୍ମା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ଆସନ୍ତା ଶନିବାର ପ୍ରଭୁ ଶ୍ରୀହନୁମାନ ମନ୍ଦିର ପ୍ରବେଶ କରି ପୂର୍ଣ୍ଣାହୁତି ପଡିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ପରେ ରାବଣ ବଧ



ରାବଣ ଦରବାରର ଏକ ଦୃଶ୍ୟ ।

ସମ୍ବଲପୁର,୫।୪(ବ୍ୟୁରୋ)

**କବରାପାଲି ରାମନବମୀ ଉତ୍ସବ**

ଯୁଯୁମୁରା ବ୍ଲକ କବରାପାଲି ଗ୍ରାମରେ ରାମନବମୀ ମହୋତ୍ସବର ବୁଧବାର ସପ୍ତମ ଦିବସ ଥିଲା। ରାମଲୀଳାରେ କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତଙ୍କ ପରେ ରାବଣ ବଧ ଅନୁଷ୍ଠିତ ହୋଇଥିଲା। କଳାକାରଙ୍କ ଚିତ୍ତାକର୍ଷକ ଅଭିନୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଗ୍ରାମର ସମସ୍ତ କଳାକାର ଏଥିରେ ଅଭିନୟ କରିଥିଲେ। ଗ୍ରାମର ବରିଷ୍ଠ କଳାକାର ତଥା ସେନାପତି ନାମରେ ପରିଚିତ ମହିମା ପ୍ରସାଦ ବଢ଼ାଇଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ସନ୍ଦିପ ସାହୁ, ମନୋଜ ପ୍ରଧାନ ଓ ମନୋଜ ବଢ଼ାଇ ମିଳିତ ଭାବେ ନିର୍ଦ୍ଦେଶନା ଦେଇଥିଲେ। ଗ୍ରାମର ୧୦ ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟା ଆଳତୀ ବେଶ୍ ଆକର୍ଷଣୀୟ ହୋଇଥିଲା। ସନ୍ଧ୍ୟା ଆଳତିରେ ଗ୍ରାମର ସମୂହ ଜନତା ଅଂଶଗ୍ରହଣ କରିଥିଲେ।

## ବିକାଶ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

କୁଚିଣ୍ଡା,୫।୪(ଡି.ଏନ.ଏ.)

କୁଚିଣ୍ଡାର ବ୍ଲକ ଖଣ୍ଡୋକଟାଠାରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟଅତିଥି, ସରପଞ୍ଚ କୁନି ସେଉଳ, ସମିତିସଭ୍ୟା ରଶ୍ମିତା ନାଏକ ସମ୍ମାନିତ ଅତିଥି ଭାବ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ମଧୁମେହ, ରକ୍ତଚାପ ଆଦି ରୋଗର ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଛି। ୭ ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେଇ କୁଚିଣ୍ଡା, ବାମରା ଓ ଜମନକିରା ଅଂଚଳର ମହିଳାପୁରୁଷ, ବୃଦ୍ଧାବୃଦ୍ଧଙ୍କ ସାସ୍ଥ୍ୟ ପରୀକ୍ଷା କରିଛନ୍ତି। ଶିବିରକୁ ବିକାଶ ଫାଉଣ୍ଡେସନ ଟ୍ରଷ୍ଟର କର୍ମକର୍ତ୍ତା ପରିଚାଳନା କରିଥିଲେ।



ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଡାକ୍ତର।

# ରୋଜଗାରକ୍ଷମ ହେବେ ଭିନ୍ନକ୍ଷମ

ସମ୍ବଲପୁର,୫।୪(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ବାଲିବନ୍ଧାସ୍ଥିତ ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରଠାରେ ଦ୍ୱିତୀୟ ପର୍ଯ୍ୟାୟ ଭିନ୍ନକ୍ଷମ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧନକଉଡା, ମାନେଶ୍ୱର, ଯୁଯୁମୁରା, ରେଙ୍ଗାଲି ବ୍ଲକ ସମେତ ସମ୍ବଲପୁର ମହାନଗର ଅଞ୍ଚଳରୁ ୮୭ ଜଣ ଭିନ୍ନକ୍ଷମ ତାଲିମ ନେଇଥିଲେ। ଶିବିରକୁ ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ କହିଥିଲେ, ଏହି ତାଲିମ ଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତି ରୋଜଗାର କ୍ଷମ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ଏହା ସମ୍ଭବ ବୋଲି ସେ କହିଥିଲେ।




ତାଲିମ ଶିବିରରେ ଜିଲାପାଳଙ୍କ ଉଦ୍‌ବୋଧନ।

ଏହି ଅବସରରେ ଭିଆର୍‌ସିଏଚ୍‌ର ପୂର୍ବତନ ନିର୍ଦ୍ଦେଶକ ରାମ କିଶୋର ଶର୍ମା କହିଥିଲେ, ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ସମ୍ବଲପୁର ଏକ ଅଗ୍ରଣୀ ଜିଲା। ଏଠାରେ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟକ୍ରମ ଅନ୍ୟ ଜିଲା ପାଇଁ ଉଦାହରଣ। କୁକୁଡ଼ା ଚିଆଁର ଉପଯୁକ୍ତ ଯତ୍ନ, ବଢ଼ିବାର ଶୈଳୀ ଓ କୁକୁଡ଼ାଚାଷ କିପରି ଗ୍ରାମାଞ୍ଚଳ ଲୋକଙ୍କ

**ଦିବ୍ୟାଙ୍ଗଙ୍କୁ ଆତ୍ମନିଯୁକ୍ତି ତାଲିମ**

ପାଇଁ ଏକ ଲାଭଦାୟକ କ୍ଷେତ୍ର ସେ ସମ୍ପର୍କରେ ପ୍ରାଣୀସମ୍ପଦ ବିଭାଗର ସ୍ୱାଗତ ପଣ୍ଡା ଆଲୋକପାତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କ ଦ୍ୱାରା ପ୍ରଚଳିତ ହେଉଥିବା ବହୁବିଧ କଲ୍ୟାଣକାରୀ ଯୋଜନା ଉପରେ ମତ ରଖିଥିଲେ। ସୂଚନାଯୋଗ୍ୟ, ଏହି ଦୁଇ ପର୍ଯ୍ୟାୟ ଶିବିରରେ ଜିଲାର ସମୁଦାୟ ୨୦୫ ଜଣ ଭିନ୍ନକ୍ଷମଙ୍କୁ କୁକୁଡ଼ା ଚାଷ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମକୁ ଆଞ୍ଚଳିକ ଭିନ୍ନକ୍ଷମ କେନ୍ଦ୍ରର ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀ ପରିଚାଳନା କରିଥିଲେ।

## ଅତାବିରା ଏନ୍ଏସି ନିର୍ବାଚନ

# ବାଜି ମାରିଲା ବିଜେଡି

ସରଣ୍ଡା,୫।୪(ଡ଼ି.ଏନ.ଏ. )


ଦୀପକ ରାୟ

ଶିବାନନ୍ଦ ତ୍ରିପାଠୀ

ନେପାଳ ପ୍ରଧାନ

ସବିତା ମଲ୍ଲିକ

ରାଜୀବ କହରା

ପ୍ରମିଳା ପ୍ରଧାନ

ବିଲ୍ଲୋସ ଜୋନପୁରୀ

ରେଣୁକା ପ୍ରଧାନ

ନାରାୟଣ ସାହୁ

ସୁରେଖା ବାଗ

ଅନୁସୟା ବିଶାଳ

ଯମୁନା ଭୁଏ

ବରଗଡ ଜିଲା ଅତାବିରା ଏନଏସି ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ବିଜେଡ଼ି ନଗରପାଳ ପଦ ସହିତ ୧୨ଟି ୱାର୍ଡ଼ରୁ ୧୧ଟି ୱାର୍ଡରେ ବିଜୟୀ ହୋଇଛି। ବୁଧବାର ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସକାଳ ୮ଟାରୁ ମତ ଗଣନା ଆରମ୍ଭ ହୋଇଥିଲା। ନଗରପାଳଭାବେ ବିଜେଡ଼ିର ବନମାଳି ବରିହା ବିଜୟୀ ହୋଇଛନ୍ତି। ତାଙ୍କୁ ମିଳିଛି ୬୫୬୫ ଖଣ୍ଡ ଭୋଟ। କଂଗ୍ରେସର ସବିତା ଭୁଏ ୧୭୩୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାଜପାର ଲକ୍ଷ୍ମୀ ବେହେରାଙ୍କୁ ୧୫୩୨ ଖଣ୍ଡ ଏବଂ ସ୍ୱାଧିନ ପ୍ରାର୍ଥୀ ସାମନ୍ତ ଭୁଏଙ୍କୁ ମାତ୍ର ୧୧୪ ଖଣ୍ଡ ଭୋଟ ମିଳିଛି। ବିଜେଡ଼ିର ବନମାଳି ବରିହା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ସବିତା ଭୁଏଙ୍କଠାରୁ ୪୮୨୮ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ଗତଥର ପରି ଚଳିତ ଥର ବି ଏନଏସିରେ ଭାଜପା ଜଣେ ହେଲେ କାଉନସିଲରଙ୍କୁ ବିଜୟୀ କରି ପରିନାହିଁ।

ସେହିପରି କାଉନସିଲର ପାଇଁ ୧ନଂ ୱାର୍ଡରେ କଂଗ୍ରେସର ଦୀପକ ରାଏ ୩୪୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ବିଜେଡ଼ିର ସତ୍ୟନାରାୟଣ ମିଶ୍ର ୩୨୫ ଖଣ୍ଡ ଏବଂ ଭାଜପାର ସମ୍ପଦ କର ୪୧ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡ଼ ନଂ ୨ ବିଜେଡ଼ି ସପକ୍ଷରେ ଯାଇଛି। ଦଳର ଶିବାନନ୍ଦ ତ୍ରିପାଠୀ ୩୨୪ ଖଣ୍ଡ, କଂଗ୍ରେସର ଗୌରୀଶଙ୍କର ପଣ୍ଡା ୧୦୩, ଭାଜପାର ଗଣେଶ ଅଗ୍ରୱାଲ ୭୭ ଖଣ୍ଡ ଓ ସ୍ୱାଧୀନ ପ୍ରାର୍ଥୀ ମହମ୍ମଦ ହନିଫ ୬ ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡ଼ ନଂ ୩ରେ ବିଜେଡ଼ିର ନେପାଳ ପ୍ରଧାନ ୮୨୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପାର କୁନି ସେଠ ୧୧୪ ଖଣ୍ଡ, କଂଗ୍ରେସର ସରୋଜ କୁମାର ମାଝି ୬୦ ଖଣ୍ଡ ଏବଂ ସ୍ୱାଧିନ ପ୍ରାର୍ଥୀ ନରୋତ୍ତମ ପଣ୍ଡା ୯ ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡ଼ ନଂ ୪ରେ ବିଜେଡ଼ିର ସବିତା ମଲ୍ଲିକ ୬୨୧ ଖଣ୍ଡ, ଭାଜପାର ପଦ୍ମା ବାଗ ୧୦୧ ଖଣ୍ଡ, କଂଗ୍ରେସର ତପସିନୀ ରୋହିଦାଶ ୮୫ ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡ଼ ନଂ ୫ରେ ବିଜେଡ଼ିର ରାଜୀବ କହାରା ୫୬୧ ଖଣ୍ଡ, କଂଗ୍ରେସର ଅକ୍ଷୟ କୁମ୍ଭାର ୮୮ ଖଣ୍ଡ, ଭାଜପାର ଶକ୍ତିଦେ ସାହୁ ୮୨ ଖଣ୍ଡ ଭୋଟ ପାଇଛନ୍ତି।

- ବିଜେଡ଼ିର ବନମାଳୀ ବରିହା ଅଧକ୍ଷ ନିର୍ବାଚିତ
- ୧୨ ୱାର୍ଡରୁ ୧୧ରେ ବିଜେଡି, କଂଗ୍ରେସ ୧
- ଖାତା ଖୋଲି ପାରିଲାନି ଭାଜପା
- ଗୋଟିଏ ୱାର୍ଡରେ ସୀମିତ ରହିଲା କଂଗ୍ରେସ

ୱାର୍ଡ଼ ନଂ ୬ରେ ବିଜେଡ଼ିର ପ୍ରମିଳା ପ୍ରଧାନ ୫୭୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପାର ରୀନା ପ୍ରଧାନ ୨୯୬ ଖଣ୍ଡ , କଂଗ୍ରେସର ସରସ୍ୱତୀ ରୋହିଦାସଙ୍କୁ ମିଳିଛି ମାତ୍ର ୩୦ ଖଣ୍ଡ ଭୋଟ। ୱାର୍ଡ଼ ନଂ ୭ରେ ବିଜେଡ଼ିର ବିଲୋସ ଜୋନପୁରୀ ୩୭୩ ଖଣ୍ଡ ଭୋଟ ପାଇ ଦଳକୁ ବିଜୟୀ କରାଇଛନ୍ତି। ଭାଜପାର ବିକାଶ କୁମାର ଶର୍ମା ୨୦୩ ଖଣ୍ଡ , କଂଗ୍ରେସର ବଳରାମ ସାହୁ ୧୯୧ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡ଼ ନଂ ୮ରେ ବିଜେଡ଼ିର ରେଣୁକା ପ୍ରଧାନ ୩୫୩ ଖଣ୍ଡ ଭୋଟ ପାଇ କାଉନସିଲର ନିର୍ବାଚିତ ହୋଇଛନ୍ତି। କଂଗ୍ରେସର ନନ୍ଦିନୀ କୁମ୍ଭାର ୨୦୮ ଖଣ୍ଡ, ଭାଜପାର ଗୋପିକା ପ୍ରଧାନ ୪୫ ଖଣ୍ଡ ଏବଂ ସ୍ୱାଧିନ ପ୍ରାର୍ଥୀ ସତ୍ୟବତି ସାଗର ମାତ୍ର ୯ ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡ଼ ନଂ ୯ ରେ ବିଜେଡ଼ିର ନାରାୟଣ ସାହୁ ବିଜୟୀ ହୋଇଛନ୍ତି। ତାଙ୍କୁ ମିଳିଛି ୪୯୮ ଖଣ୍ଡ ଭୋଟ। କଂଗ୍ରେସର ଟଙ୍କଧର ପ୍ରଧାନ ୨୮୮ ଖଣ୍ଡ ଓ ଭାଜପାର ଅକ୍ଷୟ ଗଡତିଆ ୩୮ ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡ଼ ନଂ ୧୦ରେ ବିଜେଡ଼ିର ସୁରେଖ ବାଗ ୬୫୪ ଖଣ୍ଡ, ଭାଜପାର କୌଶଲ୍ୟା ଭୋଇ ୧୨୪ଖଣ୍ଡ ଓ କଂଗ୍ରେସର ରିଙ୍କୁ ବାଦୀ ୬୬ ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡ଼ ନଂ ୧୧ ବି ବିଜେଡ଼ି ସପକ୍ଷରେ ଯାଇଛି। ଦଳର ଅନୁସୟା ବିଶାଳ(୬୩୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପାର ରୀନା ସେଟ ୫୯୫ ଖଣ୍ଡ ଓ କଂଗ୍ରେସର ସଂଯୁକ୍ତା ବେହେରା ୮୩ ଖଣ୍ଡ ପାଇଛନ୍ତି। ୱାର୍ଡ଼ ନଂ ୧୨ ବି ବିଜେଡ଼ି ହାତେଇଛି। ଦଳର ଯମୁନା ଭୁଏଙ୍କୁ ମିଳିଛି ୫୬୮ ଖଣ୍ଡ ଭୋଟ। କଂଗ୍ରେସର ଜନନୀ ଭୁଏ ୨୫୫ଖଣ୍ଡ ଓ ଭାଜପାର ଭାଗ୍ୟବତୀ ବରିହା ୮୧ ଖଣ୍ଡ ଭୋଟ ପାଇଛନି।

ବରଗଡ ଉପ ଜିଲାପାଳ ତଥା ଅତାବିରା ଏନଏସି ନିର୍ବାଚନ ଅଧିକାରୀ ଲଲାଟ ଲୁହା ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ସହ ପ୍ରମାଣ ପତ୍ର ପ୍ରଦାନ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ପପୁନ

@ ପ୍ରେମାନନ୍ଦ

@ ସୁମନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମନୋଜଙ୍କ ସହଯୋଗୀ ବିନୀତ ଏବେ ଜେଲରେ

ଭବାନୀପାଟଣା:୫।୪(ସ୍ୱ.ପ୍ର.)

ନକଲି ସାର୍ଟିଫିକେଟ ମାମଲାରେ ବଲାଙ୍ଗୀର ସହ ଲିଙ୍କ ଥିବା କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଦୁଲକିବନ୍ଧର ବିନୀତ ନାଏକ ପ୍ରାୟ ବର୍ଷେ ହେଲା ଭବାନୀପାଟଣା ଜେଲରେ ଅଛନ୍ତି। ସେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ପୁରୁଣାପଡା, ସଦର ବ୍ଲକର ବୋର୍ଡା ଓ ମାଟିଆ ଅଞ୍ଚଳର ପ୍ରାୟ ୬୦ ଜଣ ପିଲାଙ୍କଠାରୁ ଏମସିଏଲରେ ଚାକିରି ତଥା ବିଭିନ୍ନ ସ୍ଥାନରେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ପ୍ରାୟ ୬୫ ଲକ୍ଷରୁ ଅଧିକ ଟଙ୍କା ହଡପ କରିଥିଲେ। ବିନୀତ ବଲାଙ୍ଗୀରର ନକଲି ସାର୍ଟିଫିକେଟ ରାକେଟ ମାଷ୍ଟର ମାଇଣ୍ଡ ମନୋଜ ମିଶ୍ରଙ୍କ ସହଯୋଗୀ ଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ବିନୀତଙ୍କୁ ଜେରା କଲେ କଳାହାଣ୍ଡି ଜିଲାର ନକଲି ସାର୍ଟିଫିକେଟର ଗୁମର ଫିଟିବ ବୋଲି କୁହାଯାଉଛି। ଜିଲାର ବିଭିନ୍ନ ସ୍କୁଲରେ ନକଲି ସାର୍ଟିଫିକେଟଧାରୀ ଶିକ୍ଷକମାନେ ଚାକିରି କରୁଥିବା ପୂର୍ବରୁ ଲୋକଲୋଚନକୁ ଆସିଛି। ଶିକ୍ଷା ବିଭାଗ ପକ୍ଷରୁ ୨୦୧୦ ମସିହାରୁ ଏପର୍ଯ୍ୟନ୍ତ ପ୍ରାୟ ୪୦ରୁ ଅଧିକ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ସେମାନେ ଚାକିରି ମଧ ହରାଇଛନ୍ତି।

### ଏତଲା ଦେଉନାହାନ୍ତି ଜିଲା ଡାକ ଅଧୀକ୍ଷକ

ଅନ୍ୟପଟେ କଳାହାଣ୍ଡି ଜିଲା ଡାକ ବିଭାଗରେ ୧୦୫ଟି ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ ଜଣ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ୨୭ ଜଣ ଅନୁପସ୍ଥିତ ଥିଲେ। ସଂପୃକ୍ତ ୨୭ ଜଣ ନକଲି ସାର୍ଟିଫିକେଟ ଦେଇ ଆବେଦନ କରିଥିବା ଆଶଙ୍କା କରାଯାଉଛି। ସାର୍ଟିଫିକେଟ ଯାଞ୍ଚ ପାଇଁ ଆସିଥିବା ୭୮ ଜଣଙ୍କ ମଧ୍ୟରୁ ବହୁ ପ୍ରାର୍ଥୀ ବିଭିନ୍ନ ବିଷୟରେ ୯୮ ପ୍ରତିଶତ ପର୍ଯ୍ୟନ୍ତ ନମ୍ବର ରଖିଥିବା ତଦନ୍ତ ସାପେକ୍ଷ। କଳାହାଣ୍ଡି ଡାକ ମଣ୍ଡଳ ଅଧୀକ୍ଷକ ଏ ସଂପର୍କରେ ଏପର୍ଯ୍ୟନ୍ତ ଥାନାରେ ଏତଲା ନ ଦେବା ଏବଂ ସଂପୃକ୍ତ ୭୮ ଜଣଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ପଠାଇ ଦାୟିତ୍ୱ ସାରିଦେବା ନେଇ ଚର୍ଚ୍ଚା ଜୋର ଧରିଛି।

## ସୋନପୁର ପଲିଟେକ୍ନିକରେ ରକ୍ତଦାନ ଶିବିର

ସୋନପୁର,୫।୪(ନି.ପ୍ର.)



ଶିବିରରେ ଜଣେ ଛାତ୍ର ଅତିଥିଙ୍କ ଉପସ୍ଥିତିରେ ରକ୍ତଦାନ କରୁଛନ୍ତି।

ସୋନପୁର ସରକାରୀ ପଲିଟେକ୍ନିକ୍‌ରେ ଏକ ମେଗା ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ଏହି ଶିବିର କିଛି ମାତ୍ରାରେ ରକ୍ତର ଆବଶ୍ୟକତା ପୂରଣ କରିବ ବୋଲି ଏସ୍‌ପି କହିଥିଲେ। ପଲିଟେକ୍ନିକ୍ ଅଧକ୍ଷ ଗୌରହରି ସାହୁଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବେଦ ପ୍ରଚାର ସମିତି ସଭାପତି ପଙ୍କଜ ମେହେର, ଜିଲା ରକ୍ତଦାତା ସେବା ସଂଘର ସଭାପତି ମନୋଜ କୁମାର ପଣ୍ଡା, ଶିକ୍ଷାନୁଷ୍ଠାନର ପ୍ରଶିକ୍ଷକ ପଦ୍ମଲୋଚନ ବେହେରା, ସାରଦା କୁମାର ନାୟକ, ଶରତ କୁମାର ବିଶ୍ୱାଳ, ପ୍ରତିମା ଭୋଇ, ଜେନ୍ସ ସୁମିତ ଏକ୍କା, କିରଣ କୁମାର ଭୋଇ, ଦେବାଶିଷ ଲେଙ୍କା, ଲକ୍ଷ୍ମଣ ହେମ୍ବ୍ରମ, ଶୁଭସ୍ମିତା ବେହେରା ଓ ପୁରାତନ ଛାତ୍ର ଗୋପାଳ ବେହେରା ପ୍ରମୁଖ ରକ୍ତଦାନ ଶିବିର ଆୟୋଜନରେ ସହାୟତା କରିଥିଲେ। ମୋଟ ୬୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୨ ଜଣ ଛାତ୍ରୀ ରକ୍ତଦାନ କରିଥିଲେ। ସୁବର୍ଣ୍ଣପୁର ବ୍ଲଡ ବ୍ୟାଙ୍କର ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନ ଟିଟୁ ଭୋଇ ଓ ଜଗତ ଦରୱାନ ରକ୍ତ ସଂଗ୍ରହ କରିଥିଲେ।

## ନର୍ଲାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ନର୍ଲା,୫।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ତହସିଲ କାର୍ଯ୍ୟାଳୟ ପରିସରରେ ବୁଧବାର ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନର୍ଲା ତହସିଲଦାର ଶଙ୍କର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନର୍ଲା ବିଡ଼ିଓ ବାସନ୍ତୀ ସେଠୀ, ଜିଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ଲିଲି ଦୀପ, ନମିତା ସାହୁ, ନର୍ଲା ସରପଞ୍ଚ ତନୁଜା ହରପାଲ ଯୋଗ ଦେଇଥିଲେ । ଏହାଛଡା ଅଞ୍ଚଳର ଅର୍ଜୁନ ପଧାନ, ହମେଶ ଜୈନ, ହରିଚନ୍ଦ୍ର ବୁଦ୍ଧିଆ,ବିଜେଡି ଯୁବ ସଭାପତି ବିଜୟ ଧଙ୍ଗ, ସରପଞ୍ଚ ପ୍ରତିନିଧି ବିଜୟ ବୁଦ୍ଧିଆ, ସର୍ଗିଗୁଡ଼ା ସମିତି ସଭ୍ୟ ଚିରଞ୍ଜିବୀ ଗୌଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ । ସଞ୍ଜୟ କୁମାର ଧଙ୍ଗ ମଞ୍ଚ ପରିଚାଳନା କରିଥିବା ବେଳେ ନର୍ଲା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ, ବିଜେଡି କର୍ମୀଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ନର୍ଲାବାସୀଙ୍କ ଦାବି ଓ ବିଧାୟକ ସିଂଙ୍କ ଉଦ୍ୟମ ଫଳରେ ଉପ ନିବନ୍ଧକ କାର୍ଯ୍ୟାଳୟ ଖୋଲିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

## ଭୀମଭୋଇଙ୍କ ପୀଠକୁ ଜାତୀୟ ସ୍ମାରକୀ ଘୋଷଣା ଦାବି

ସୋନପୁର,୫।୪(ନି. ପ୍ର )

ସୁବର୍ଣ୍ଣପୁର ଜିଲା ଖଲିଆପାଲି ସ୍ଥିତ ସନ୍ଥ କବି ଭୀମ ଭୋଇଙ୍କ ସିଦ୍ଧି ଓ ସାଧନା ପୀଠକୁ ଜାତୀୟ ସ୍ମାରକୀ ଘୋଷଣା ପାଇଁ ଦାବି ହୋଇଛି। ସେହିଭଳି ପୀଠ ନିକଟରେ ଏକ ଗବେଷଣାକେନ୍ଦ୍ର ପ୍ରତିଷ୍ଠା ଓ ସୁବର୍ଣ୍ଣପୁର ଜିଲାକୁ ବୀରମହାରାଜପୁର ଦେଇ ଦ୍ୱିତୀୟ ରେଳପଥ ସକାଶେ ଦାବି କରାଯାଇଛି। ସୁବର୍ଣ୍ଣପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏ ସମ୍ପର୍କରେ ଚିଠି ଲେଖାଯାଇଛି। ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲେ ସନ୍ଥକବି ଭୀମଭୋଇଙ୍କ ବିଷୟରେ ବିଶ୍ୱବିଦ୍ୟାଳୟର ଛାତ୍ରୀ ଛାତ୍ର ମାନେ ଅଧ୍ୟୟନ କରିବାକୁ ସୁଯୋଗ ପାଇବେ। ଯଦ୍ୱାରା ଏହି ସନ୍ଥ କବିଙ୍କ ବାଣୀ ଯୁବସମାଜଙ୍କୁ ଆଗକୁ ବଢିବାକୁ ଏକ ପ୍ରେରଣାଦାୟକ ହେବ। ଯାହାକି ବର୍ତ୍ତମାନର ଅବକ୍ଷୟମୁଖି ସମାଜ ସକାଶେ ଆବଶ୍ୟକତା ରହିଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ମନ୍ତ୍ରୀ ହେବା ପରେ ତାଙ୍କରି ପ୍ରଚେଷ୍ଟାରେ ବର୍ତ୍ତମାନ ସନ୍ଥକବି ଭୀମଭୋଇଙ୍କ ବାଣୀକୁ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରାଯାଇଛି । କବିଙ୍କ ବିଚାରଧାରକୁ ବିଶ୍ୱ ସ୍ତର ପର୍ଯ୍ୟନ୍ତ ଗୁଞ୍ଜରିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସଚେତନ ନାଗରିକ ମଞ୍ଚ କହିଛି।

## କଳାହାଣ୍ଡିର ପଚ୍ଚାୟତ ସାହୁଙ୍କୁ ପଦ୍ମଶ୍ରୀ ସମ୍ମାନ


ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରୁଛନ୍ତି ପଚ୍ଚାୟତ ସାହୁ।

ଭବାନୀପାଟଣା,୫।୪(ସ୍ୱ.ପ୍ର.)

ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଏଥିରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନାନ୍ଦୋଲ ଗ୍ରାମର ପଚ୍ଚାୟତ ସାହୁଙ୍କୁ ରାଷ୍ଟ୍ରପତି ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି। ଏହାକୁ ନେଇ କଳାହାଣ୍ଡି ଜିଲାରେ ଏବେ ଖୁସିର ଲହରୀ ଖେଳିଯାଇଛି। ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରକାଶ ଯେ, ନିଜ ୬୫ ଡେସିମିଲ ଜାଗାରେ ୩ ହଜାରରୁ ଊର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ଲଗାଇ ଚର୍ଚ୍ଚାକୁ ଆସିଥିଲେ ସାହୁ। ଏପରିକି ଗତ ୨୦୨୧ ସେପ୍ଟେମ୍ବର ୨୬ ତାରିଖରେ ମନ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପ୍ରଶଂସା କରିବା ପରେ ସେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ବିଜେଡି ସବୁବେଳେ ଆଦିବାସୀଙ୍କ ସହ ଅଛି

ଭବାନୀପାଟଣା,୫।୪(ସ୍ୱ.ପ୍ର.)



ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

କଳାହାଣ୍ଡି ଜିଲା ଭବାନୀପାଟଣାରେ ଗତ ମାର୍ଚ୍ଚ ୨୬ ତାରିଖରେ ସାଇନିଂ କଳାହାଣ୍ଡି ପକ୍ଷରୁ ବେଦାନ୍ତକୁ ବକ୍ସାଇଟ ଖଣି ଲିଜ୍‌ରେ ଦିଆଯାଉ ବୋଲି ଏକ ବିରାଟ ଶୋଭାଯାତ୍ରା ସହ ଟାଉନ ହଲରେ ଏକ ଜନସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଇନିଂ କଳାହାଣ୍ଡିର ଅଧକ୍ଷ ତଥା ବିଜେଡିର ରାଜ୍ୟ ପରିଷଦ ସଦସ୍ୟ ଡ.ଭବାନୀ ଶଙ୍କର ନିଆଲଙ୍କ ନେତୃତ୍ୱରେ ଏହି ଜନସଂସଦ କାର୍ଯ୍ୟକ୍ରମରେ ବିଜେଡିର ଭବାନୀପାଟଣା ପୌରଧକ୍ଷା, ଉପାଧକ୍ଷ, ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ସମେତ ଦଳୀୟ ନେତା ଯୋଗ ଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମ ପରେ ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ଏହାର ପ୍ରତିବାଦ କରାଯାଇ ସଭାମାନ କରାଯାଇଥିଲା। ଏପରି କି ଏହି ଘଟଣାକୁ ନେଇ ସାମାଜିକ ଗଣମାଧମରେ ମଧ କଡା ସମାଲୋଚନା ହେବା ସହ ବିତର୍କ ସୃଷ୍ଟି ହୋଇଥିଲା। ସାଇନିଂ କଳାହାଣ୍ଡି ପକ୍ଷରୁ ଏହି କାର୍ଯ୍ୟକ୍ରମ ବିଜେଡି ସମର୍ଥନରେ ହେଉଥିବା ଭଳି ସାଧାରଣରେ ଆଲୋଚନା ହୋଇଥିଲା। ଆଦିବାସୀଙ୍କ ବିରୋଧ ସତ୍ତ୍ୱେ ମଧ ବେଦାନ୍ତକୁ ଖଣି ଲିଜରେ ଦେବା ଦାବିକୁ ନେଇ ଆଦିବାସୀ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବା ନେଇ ସଜବାଜ ହେଉଥିବା ଶୁଣିବାକୁ ମିଳୁଥିଲା। ତେବେ ଏହା ପୂର୍ବରୁ ମଙ୍ଗଳବାର ବିଜେଡି କଳାହାଣ୍ଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ରାଜ୍ୟ ପରିଷଦ ସଦସ୍ୟ ଡ. ଭବାନୀ ନିଆଲଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେହିପରି ଏହାର ଉତ୍ତର ଆସନ୍ତା ୭ଦିନ ମଧ୍ୟରେ ଦେବାକୁ କୈଫିୟତ ତଲବ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସଂଧ୍ୟାରେ ଏହି ଘଟଣାକୁ ନେଇ କଳାହାଣ୍ଡି ବିଜେଡି ପକ୍ଷରୁ ଭବାନୀପାଟଣା ସହରସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରା, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ପୂର୍ବତନ ପୌରାଧକ୍ଷ ଆଦିତ୍ୟ ନନ୍ଦ, ଜିଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ଜିଲା ଉପସଭାପତି ଜିତେନ୍ଦ୍ର ମହାନ୍ତି, ଚିତ୍ତ ରଞ୍ଜନ ମଣ୍ଡଳ, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇ ସାଇନିଂ କଳାହାଣ୍ଡି ସହ ବିଜେଡିର କୌଣସି ସମ୍ପର୍କ ନାହିଁ ବୋଲି କହିଥିଲେ।

- ସାଇନିଂ କଳାହାଣ୍ଡି ସହ ବିଜେଡିର କୌଣସି ସମ୍ପର୍କ ନାହିଁ
- ଖବରଦାତା ସମ୍ମିଳନୀରେ ସୂଚନା

ଏପରି କି ବେଦାନ୍ତକୁ ଖଣି ଲିଜରେ ଦେବା ପାଇଁ ଦାବି ବିଷୟରେ ସେମାନେ ପୂର୍ବରୁ ଜାଣି ନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେବା ପରେ ଘଟଣାର ଦାବି ବିଷୟରେ ଜାଣିଥିଲେ। ଦୀର୍ଘବର୍ଷ ଧରି ଆଦିବାସୀଙ୍କ ପ୍ରତିବାଦ ଓ ବିରୋଧ ପରେ ବେଦାନ୍ତକୁ ନିୟମଗିରି ଖଣି ଖନନ ନ କରିବା ପାଇଁ ସୁପ୍ରିମ କୋର୍ଟ ରୋକ ଲଗାଇଛନ୍ତି। ଉପରୋକ୍ତ କାର୍ଯ୍ୟକ୍ରମ ଦ୍ୱାରା ଆଦିବାସୀମାନଙ୍କ ମାନସିକତାକୁ ଆଘାତ ହୋଇଥିବା ମନେ କରି ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଥିଲା। ସେହିପରି ଆଦିବାସୀଙ୍କ ସହ ବିଜେଡି ସଦାସର୍ବଦା ରହିବା ସହ ତାଙ୍କ ବିକାଶ ଦିଗରେ ସବୁବେଳେ ଚେଷ୍ଟିତ ବୋଲି କହିଥିଲେ। ଜିଲାରେ ଏକ ଆଦିବାସୀ ଭବନ ପାଇଁ ୩୦ ଡେସିମିଲ ସ୍ଥାନ ସହ ୫୦ଲକ୍ଷ ଟଙ୍କାର ଅନୁଦାନ ମୁଖ୍ୟମନ୍ତ୍ରୀ ଘୋଷଣା କରି ଆଦିବାସୀଙ୍କୁ ଉତ୍ସାହିତ କରିଛନ୍ତି ବୋଲି କହିଥିଲେ।

